## ସଂକ୍ଷେପରେ

### ବିଲ୍ ପାଇଁ ଜିଲା ପ୍ରକଳ୍ପ ଅଧିକାରୀଙ୍କ ଦ୍ୱାରସ୍ଥ

**କୋମନା,୨।୮ (ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ବ୍ଲକ ଶିଆଳଲଟି ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାମରେ ସାମଗ୍ରୀ ଯୋଗାଇଥିବା ଲୋକେ ବିଲ୍ ପାଇ ନ ଥିବାରୁ ଶୁକ୍ରବାର ଜିଲା ଆଦିବାସୀ ସଂଘ ଜରିଆରେ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଥିଲେ। ହେଲେ ପଞ୍ଚାୟତ ଅଫିସରେ କେହି ଉପସ୍ଥିତ ନ ଥିବାରୁ ସେମାନେ ସେଠାରୁ ନିରାଶ ହୋଇ ଜିଲା ପ୍ରକଳ୍ପ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ହଲପାପାଲି ପ୍ରାଥମିକ ବିଦ୍ୟାଳୟ ପାଚେରୀ କାମ, ବେଲରଦନା ପିଲାସାଗର ବନ୍ଧ ପାହାଚ, ନାଏକପଡ଼ାରୁ କରଗାଁଭଟା ରାସ୍ତା ଉନ୍ନତୀକରଣ, ବାଲିଖମାରରେ ପାର୍କ ଆଦି କାମର ବିଲ୍ ପୈଠ ହୋଇ ନ ଥିବା ଦର୍ଶାଇଛନ୍ତି। ପଞ୍ଚାୟତର ସରପଞ୍ଚ କିମ୍ବା କାର୍ଯ୍ୟନିର୍ବାହୀ ଅଧିକାରୀ ଆସି ନ ଥିବାରୁ ଜିଲା ପ୍ରକଳ୍ପ ଅଧିକାରୀଙ୍କଠାରେ ଅଭିଯୋଗ କରିଥିଲେ। ଗାଁର ଜ୍ଞାନେଶ୍ୱର ମାଝୀ, ଯମୁନା ଲାଲ ଧରୁଆ, ସୁଜନ ମାଝୀ, ରୁଦ୍ର ସିଂ ମାଝୀ, ପୂର୍ଣ୍ଣ ଚନ୍ଦ୍ର ମାଝୀ, ଦିଲୀପ ଧରୁଆ, ଧର୍ମୁ ସୁନାନୀ, ଅନୁପ ଧାରୁଆ, ପିହିଁ ଧାରୁଆ, ଭୁଜ ଧାରୁଆ ପ୍ରମୁଖ ସାମିଲ ହୋଇଥିଲେ। ଏ ସଂକ୍ରାନ୍ତରେ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନ୍ଧର ବଗର୍ତ୍ତୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା।

### ସାପ୍ତାହିକ ହାଟ ପାଇଁ ପ୍ରସ୍ତୁତି ବୈଠକ

**ନୂଆପଡ଼ା,୨।୮ (ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଡ଼ାମୁଣ୍ଡା ବସ୍‌ଷ୍ଟାଣ୍ଡ ଛକରେ ସାପ୍ତାହିକ ବଜାର କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଡ଼ାମୁଣ୍ଡାର ପୂର୍ବତନ ସରପଞ୍ଚ ସୁରସିଂ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସାପ୍ତାହିକ ହାଟ ଖୋଲିବା ନେଇ ଆଲୋଚନା ହୋଇଥିଲା। ଆସନ୍ତା ୨୩ରୁ ପ୍ରତି ଶୁକ୍ରବାର ଜଡ଼ାମୁଣ୍ଡା ବସଷ୍ଟାଣ୍ଡ ଛକରେ ସାପ୍ତାହିକ ବଜାର ବସିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ସ୍ଥାନୀୟ ସରପଞ୍ଚ ପ୍ରେମଶୀଳା ମାଝି, ମାନିଗୁଡ଼ା ସରପଞ୍ଚ ଯୋଗେନ୍ଦ୍ର ବାଗ, ସାମାଜିକ କର୍ମୀ ହେମନ୍ତ କର, ଗୁଣବନ୍ତ ରଥ, ସନ୍ତୋଷ ମହାନ୍ତି, ଦେଓସିଂ ମେହେର, ଯଶୋବନ୍ତ ହଂସ, ପୀତାମ୍ବର ଅଦା, ଚଉବନ ଥପା, ଦୈତାରୀ ମାଝୀ, ଗୌତମ ବରାଲ ପ୍ରମୁଖ ଉପସ୍ଥିତ ଥିଲେ।

### ସିଆଳଲଟି ଗାଁ ରାସ୍ତାରେ ଜମୁଛି ପାଣି

**କୋମନା,୨।୮ (ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ବ୍ଲକର ପଞ୍ଚାୟତ ମୁଖ୍ୟାଳୟ ଶିଆଳଲଟି ଗାଁ ରାସ୍ତା ଶୋଚନୀୟ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟିହୋଇ ବର୍ଷାପାଣି ଜମିରହିଛି। ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଲୋକେ ଯାତାୟାତ ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ପାଣି ଜମି ରହୁଥିବାରୁ କୁଢ କୁଢ ଆବର୍ଜନା ପଡିରହୁଛି। ଏଥିଯୋଗୁ ମଶା, ମାଛିଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଏହା ଦ୍ୱାରା ରୋଗ ବ୍ୟାପିବା ସମ୍ଭାବନା ରହିଛି। ରାସ୍ତାର ଏଭଳି ଅବସ୍ଥା ସତ୍ତ୍ୱେ ସ୍କୁଲ, କଲେଜ ଛାତ୍ରୀଛାତ୍ର ଓ ଜନସାଧାରଣ ଯା'ଆସ କରିବାକୁ ବାଧ ହେଉଛନ୍ତି। ଏହି ରାସ୍ତା ତରବୋଡ଼ଠାରେ ୩୫୩ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଛି। ଲୋକେ ନୂଆପଡ଼ା, କୋମନା, ଖଡ଼ିଆଳ, ଭବାନୀପାଟଣା, କଟକ, ଭୁବନେଶ୍ୱର, ରାୟପୁର ଯିବାକୁ ହେଲେ ଏହି ରାସ୍ତା ଦେଇ ତରବୋଡ଼ ଯାଇଥାନ୍ତି।

# ଜିଲାରେ ୫୮୩୮ ଡ୍ରପ୍‌ଆଉଟ ଛାତ୍ରୀଛାତ୍ର

**ଜୁନାଗଡ ବ୍ଲକରେ ସର୍ବାଧିକ**

**ଭବାନୀପାଟଣା,୨।୮ (ଉତ୍ତମ କୁମାର ଦାଶ)**

ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଶିକ୍ଷାର ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାଗଣାରେ ଛାତ୍ରୀଛାତ୍ରଙ୍କୁ ବହି, ପୋଷାକ, ମଧ୍ୟାହ୍ନ ଭୋଜନ ସହ ଆନୁଷଙ୍ଗିକ ବ୍ୟବସ୍ଥା ଆଦି କରିଛନ୍ତି। ଏହାସତ୍ତ୍ୱେ ବହୁ ପିଲା ପାଠପଢା ପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବା ଦେଖାଯାଉଛି। କଳାହାଣ୍ଡି ଜିଲାରେ ଏହାର ଏକ ଚିତ୍ର ଦେଖିବାକୁ ମିଳୁଛି। ଆଦିବାସୀ ଅଧୁଷିତ ଏହି ଜିଲାରେ ଡ୍ରପ ଆଉଟ୍ (ଅଧାରୁ ପାଠ ପଢା ଛାଡୁଥିବା) ସଂଖ୍ୟା କମିବାର ନା ଧରୁନାହିଁ। ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଜିଲାର ୧୩ ବ୍ଲକରେ ବର୍ତ୍ତମାନ ୫୮୩୮ ଜଣ ଡ୍ରପ ଆଉଟ୍ ଛାତ୍ରୀଛାତ୍ର ରହିଛନ୍ତି। ସେଥିମଧ୍ୟରୁ ଜିଲାର ସବୁଠୁ ଉନ୍ନତ କୁହାଯାଉଥିବା ଜୁନାଗଡ ବ୍ଲକରେ ସର୍ବାଧିକ ଡ୍ରପ ଆଉଟ ପିଲା ୭୩୮ ଜଣ ରହିଛନ୍ତି। ଜିଲାର ମୁଖ୍ୟାଳୟ ଭବାନୀପାଟଣା ସଦର ବ୍ଲକରେ ଡ୍ରପଆଉଟ୍ ପିଲା ସଂଖ୍ୟା ୭୨୪ ରହିଥିବାବେଳେ ଧର୍ମଗଡରେ ୩୫୧, ଗୋଲାମୁଣ୍ଡାରେ ୩୧୮, ଜୟପାଟଣାରେ ୪୪୬, କଲମପୁରରେ ୨୬୧, କର୍ଲାମୁଣ୍ଡାରେ ୪୦, କେସିଙ୍ଗାରେ ୪୪୯, କୋକସରାରେ ୫୧୯, ଲାଞ୍ଜିଗଡରେ ୪୨୭, ଏମ୍ ରାମପୁରରେ ୫୭୨, ନର୍ଲାରେ ୨୮୪ ଓ ଥୁଆମୂଳ ରାମପୁର ବ୍ଲକରେ ୭୦୯ ଜଣ ରହିଛନ୍ତି। ପ୍ରଥମ ଶ୍ରେଣୀରେ ୯ ଜଣ, ଦ୍ୱିତୀୟରେ ୮୬, ତୃତୀୟରେ ୭୨, ଚତୁର୍ଥରେ ୪୦, ପଞ୍ଚମରେ ୯୮, ଷଷ୍ଠରେ ୩୮୬, ସପ୍ତମରେ ୧୦୪, ଅଷ୍ଟମରେ ୧୯୮, ନବମରେ ୩୨୪୪ ଓ ଦଶମରେ ୧୫୪୭ ଜଣ ଡ୍ରପ ଆଉଟ୍ ଛାତ୍ରୀଛାତ୍ର ରହିଛନ୍ତି। ଏହି ସଂଖ୍ୟାକୁ ଦେଖିଲେ ନବମ ଶ୍ରେଣୀରେ ଅଧିକ ପିଲା ପାଠ ପଢା ଛାଡୁଥିବା ଜଣାପଡିଛି। ସଚେତନତା ଅଭାବ ଓ ପରିବାରର ଆର୍ଥିକ ସମସ୍ୟା ଯୋଗୁ ପାଠ ପଢା ବୟସରେ ପାଠ ଛାଡି ପିଲା ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଆଉ କେତେକ ପିଲା ନିଜ ପରିବାର ସହ କାମ କରି ମା'ବାପାଙ୍କୁ ସହଯୋଗ କରୁଥିବାରୁ ସେମାନେ ବିଦ୍ୟାଳୟ ମୁହାଁ ହୋଇପାରୁନାହାନ୍ତି। ଶିକ୍ଷା ବିଭାଗ ତଥା ପ୍ରଶାସନର ଆନ୍ତରିକତା ଅଭାବ ଯୋଗୁ ଜିଲାରେ ଡ୍ରପଆଉଟ୍ ସଂଖ୍ୟା ବଢିବାରେ ଲାଗିଥିବା କୁହାଯାଉଛି। ଏ ନେଇ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୁପଦାରଙ୍କୁ ପଚାରିବାରୁ ଜିଲାରେ ଡ୍ରପ ଆଉଟ୍ ରୋକିବାକୁ ଚେଷ୍ଟା ଚାଲିଛି ବୋଲି କହିଥିଲେ।

# ଧରାପଡ଼ିଲେ ଆନ୍ତଃରାଜ୍ୟ ଡକାୟତି ଗ୍ୟାଙ୍ଗର ୯ ସଦସ୍ୟ



ଜବତ ସାମଗ୍ରୀ ସହ ଗିରଫ ହୋଇଥିବା ଡକାୟତ ଗ୍ୟାଙ୍ଗ ସଦସ୍ୟ।

**ବଲାଙ୍ଗୀର/ଲୋଇସିଂହା,୨।୮ (ବୀରେନ୍ଦ୍ର କୁମାର ଝାଙ୍କର/ସୁଶାନ୍ତ ବାରିକ)**

**୧୫ ଲକ୍ଷ ଟଙ୍କାର ସୁନା, ରୁପା ଓ ବିଭିନ୍ନ ସାମଗ୍ରୀ ଜବତ**

ବଲାଙ୍ଗୀର ସମେତ ଓଡ଼ିଶାର ବିଭିନ୍ନ ଜିଲାରେ ସକ୍ରିୟ ଥିବା ଆନ୍ତଃ ରାଜ୍ୟ ଡକାୟତ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ ବଲାଙ୍ଗୀର ପୋଲିସ କରିଛି। ଅଭିନବ ଉପାୟରେ ଡକାୟତି କରି ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ର ଫେରି ଯାଉଥିବା ବେଳେ ଏହି ଡକାୟତ ଗ୍ୟାଙ୍ଗ୍‌ର ୯ ଜଣ ସଦସ୍ୟଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମଧ୍ୟପ୍ରଦେଶର ରତ୍ତିକ ଚୌହାନ, କ୍ରିଷ୍ଣା ପିମ୍ପଲ, ରବି ବେହେଲିଆ, ସକ୍‌ଲାଲ ସିଂ, ରାଜୁ ପାୱାର, ବଣ୍ଟୁ ଦେହେଲିଆ, ମହାରାଷ୍ଟ୍ରର ନିଲେଶ ଦୀପକ କାଲେ, ଅକ୍ଷଲାଲଜୁ ଚୌହାନ୍ ଓ ବରଗଡ଼ ଜିଲା ବରପାଲିର ଗୋପରଞ୍ଜନ ପୃଷ୍ଟି। ଅଭିଯୁକ୍ତମାନଙ୍କଠାରୁ ପୋଲିସ ପ୍ରାୟ ୧୫ ଲକ୍ଷ ଟଙ୍କା ମୂଲ୍ୟର ସୁନା, ରୁପା ଗହଣା, ନଗଦ ଟଙ୍କା ଏବଂ ବିଭିନ୍ନ ସାମଗ୍ରୀ ଜବତ କରିଛି। ଶୁକ୍ରବାର ବଲାଙ୍ଗୀର ଏସ୍‌ପି ଋଷିକେଶ ଦ୍ୟାନ୍‌ଦେଓ ଖିଲାରୀ ସ୍ଥାନୀୟ ରିଜର୍ଭ ପୋଲିସ ବାରାକ୍‌ଠାରେ ଏକ ଖବରଦାତା ସମ୍ମିଳନୀ କରି ଧରାପଡ଼ିଥିବା ଏହି ଡକାୟତ ଗ୍ୟାଙ୍ଗ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ।

ଗତ ୨୬ ତାରିଖ ରାତିରେ ଲୋଇସିଂହା ଥାନା ସାରସମୁଣ୍ଡା ଗାଁରେ ଥିବା ଭାରତ ଗ୍ୟାସ୍ ଗୋଦାମରେ ପ୍ରାୟ ୧୦-୧୨ ଜଣ ବ୍ୟକ୍ତି ପଶି ରାତ୍ର ଜଗୁଆଳି ଫାଲ୍‌ଗୁନୀ ବିଶିଙ୍କୁ ଗୋଦାମ ପଛପଟକୁ ନେଇଯାଇ ଧମକ ଚମକ ଦେବା ସହ ଗୋଦାମରେ ଥିବା ସମସ୍ତ ନଗଦ ଟଙ୍କା ଦେବାକୁ କହିଥିଲେ। ଏହି ଘଟଣା ପୂର୍ବରୁ ବଲାଙ୍ଗୀର ଜିଲାର ଲାଠୋର, ପାଟଣାଗଡ଼ ଏବଂ ବଲାଙ୍ଗୀର ଟାଉନ୍ ଥାନା ଅଞ୍ଚଳରେ ଅନେକ ଡକାୟତି ଓ ଲୁଟ୍ ଘଟଣା ଘଟିଥିଲା। ବଲାଙ୍ଗୀର ଏସ୍‌ପିଙ୍କ ନିର୍ଦ୍ଦେଶରେ ବଲାଙ୍ଗୀର ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଓ ପାଟଣାଗଡ ଏସ୍‌ଡିପିଓ ସଦାନନ୍ଦ ପୂଜାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ସାଇବର ଥାନାର ଅନେକ ସୂଚନା ଏବଂ ସିସିଟିଭି ଫୁଟେଜ ଆଧାରରେ ଏହି ଘଟଣାଗୁଡ଼ିକର ତଦନ୍ତ ଆରମ୍ଭ କରି ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଅନ୍ୟ ସ୍ଥାନରୁ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ବଲାଙ୍ଗୀର ଏସ୍‌ପି ଖିଲାରୀ କହିଛନ୍ତି, ଅଭିଯୁକ୍ତମାନେ ଓଡ଼ିଶାର ବିଭିନ୍ନ ସହରକୁ ଆସିବା ପରେ ରେଲୱେ ଷ୍ଟେଶନ, ବସଷ୍ଟାଣ୍ଡ, ବିଭିନ୍ନ ମେଳା ଓ ରାସ୍ତାକଡ଼ରେ ବେଲୁନ୍, ପ୍ଲାଷ୍ଟିକ୍ ଖେଳଣା ଓ ଅନ୍ୟ ସାମଗ୍ରୀ ବିକ୍ରି କରିବା ବାହାନାରେ ବିଭିନ୍ନ ଲୋକଙ୍କ ଘର, ଗୋଦାମ ଓ ଅନ୍ୟ ସ୍ଥାନରେ ଡକାୟତି ଯୋଜନା କରୁଥିଲେ। ଦିନବେଳା ସୂଚନା ସଂଗ୍ରହ କରିବା ସହ ରାତିରେ ଡକାୟତି କରୁଥିଲେ। ସେମାନଙ୍କ ଠାରୁ ୧୬୦.୪ ଗ୍ରାମର ସୁନା, ୧୭୦୮.୪୨ ଗ୍ରାମର ରୁପା ଅଳଙ୍କାର, ୨ ଲକ୍ଷ ୩ ହଜାର ୭ ଶହ ନଗଦ ଟଙ୍କା, ଗୋଟିଏ ଚୋରି ହୋଣ୍ଡା ଆକ୍ଟିଭା, ୭ଟି ମୋବାଇଲ ଫୋନ୍, ହାତଘଣ୍ଟା ଓ ଅନ୍ୟ ସାମଗ୍ରୀ ପୋଲିସ ଜବତ କରିଛି। ସେମାନଙ୍କର ୩ ଲକ୍ଷ ୪୦ ହଜାର ୬୧୬ ଟଙ୍କାର ଏକ ବ୍ୟାଙ୍କ ଆକାଉଣ୍ଟକୁ ପୋଲିସ ଫ୍ରିଜ୍ କରି ଦେଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ଲୁଟ୍ ସୁନା ଓ ରୁପାକୁ ବରପାଲିର ଜଣେ ସୁନାରୀଙ୍କୁ ବିକ୍ରି କରି ସେହି ଟଙ୍କାକୁ ସେମାନେ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ନେଇ ଫେରାର ମାରୁଥିଲେ। ଏହି ଡକାୟତମାନେ ବଲାଙ୍ଗୀର ସମେତ ଅନ୍ୟ ଜିଲାରେ ଅନେକ ଅପରାଧ ଘଟାଇଛନ୍ତି। ସେନେଇ ତଦନ୍ତ ଜାରି ରହିଛି। ଏହି ଗ୍ୟାଙ୍ଗ୍‌ରେ ଆହୁରି ଅନେକ ସଦସ୍ୟ ସମ୍ପୃକ୍ତ ଥିବା ଜଣାପଡ଼ିଛି। ସେମାନଙ୍କର ଅନୁସନ୍ଧାନ ଚାଲିଛି ବୋଲି ଏସ୍‌ପି ଖିଲାରୀ ସୂଚନା ଦେଇଛନ୍ତି।

# ପ୍ରଧାନଶିକ୍ଷକଙ୍କ ନାମରେ ଅନୁଦାନ ହେରଫେର ଅଭିଯୋଗ

**କୋକସରା,୨।୮ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**




କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି ଏବିଇଓ।

କଳାହାଣ୍ଡି ଜିଲା କୋକସରା ବ୍ଲକ କେନ୍ଦୁଡଙ୍ଗରି ୟୁଜି ଉଚ୍ଚ ବିଦ୍ୟାଳୟର ଉନ୍ନତୀକରଣ ପାଇଁ ଆସିଥିବା ଅନୁଦାନକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହେରଫେର କରିଥିବା ନେଇ ପରିଚଳନା କମିଟି ସଭାପତି ବିଇଓଙ୍କଠାରେ ଅଭିଯୋଗ କରିଥିଲେ। ଏକସପ୍ତାହରୁ ଅଧିକ ସମୟ ବିତିଯାଇଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଶୁକ୍ରବାର ଶିକ୍ଷା କମିଟି ସଭାପତି ଓ ସଭ୍ୟାସଭ୍ୟ ସ୍କୁଲରେ ତାଲା ପକାଇଥିଲେ। ପରେ ଏବିଇଓ ତୋଫାନ ମାଝି ପହଞ୍ଚି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିବା ପରେ ସ୍କୁଲର ତାଲା ଖୋଲିଥିବା ଜଣାପଡିଛି। ସୂଚନା ଅନୁସାରେ କେନ୍ଦୁଡଙ୍ଗରି ୟୁଜି ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ୧୦ମ ଶ୍ରେଣୀ ଯାଏ ରହିଥିବା ବେଳେ ବର୍ତ୍ତମାନ ୧୬୬ ଜଣ ପିଲା ଅଧ୍ୟୟନ କରୁଛନ୍ତି। ୨୦୨୨-୨୩ରେ ବିଦ୍ୟାଳୟ ୫-ଟିରେ ସାମିଲ କରି ୪୫ ଲକ୍ଷ ଟଙ୍କା ଅନୁଦାନ ଆସିଥିବା ବେଳେ ଇ ଲାଇବ୍ରେରି, କ୍ଲାସ ରୁମ ସୌନ୍ଦର୍ଯ୍ୟକରଣରେ ୩୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡିଛି। ହେଲେ ବିଦ୍ୟାଳୟରେ ଶୌଚାଳୟ, ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ନ ଥିବାବେଳେ ସ୍କୁଲର ଗେଟ ନିର୍ମାଣ ଶେଷ ହୋଇ ନ ଥିବାରୁ ଆସିଥିବା ଅନୁଦାନ ହଡ଼ପ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପ୍ରଧାନ ଶିକ୍ଷକ ଆଶୁତୋଷ ସରାବୁଙ୍କୁ ପଚାରିବାରୁ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି।

### ଉଦ୍ଧାର ହେଲା ଭାଲୁ, ଲୋକଙ୍କ ଭୟ ଦୂର

**ଜୟପାଟଣା,୨।୮ (ଓମ୍ ପ୍ରକାଶ ବୈଠାରୁ):** କଳାହାଣ୍ଡି ଜିଲା ଜୟପାଟଣା ବନ ବିଭାଗ ରେଞ୍ଜ ଅଧୀନ ମୁଖିଗୁଡାଠାରେ ଗତ ୫ଦିନ ଧରି ଆତଙ୍କ ଖେଳାଇଥିବା ଭାଲୁକୁ ଶୁକ୍ରବାର ବିଭାଗ କାବୁ କରିବାରେ ସଫଳ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ମୁଖିଗୁଡା ଓଏଚପିସି ମହୁଲପାଟଣା ଘାଟି ରାସ୍ତାରେ କିଛିଦିନ ହେଲା ଏକ ଜଙ୍ଗଲୀ ଭାଲୁ ବୁଲୁଥିବା ଲୋକେ ଦେଖିଥିଲେ। ପରବର୍ତ୍ତୀ ସମୟରେ ଗୁରୁବାର ରାତିରେ ମୁଖିଗୁଡା ଗାଁକୁ ଭାଲୁ ଚାଲି ଆସିଥିବା ନେଇ ଅଞ୍ଚଳରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଥିଲା। ତେବେ ଲୋକେ ଗୋଡ଼ାଇବା ଫଳରେ ଭାଲୁ ଓଏଚ୍‌ପିସିର ଏକ ଗୋଦାମ ଘରେ ଲୁଚି ଯାଇଥିଲା। ଡିଏଫ୍‌ଓଙ୍କ ସହ ଜୟପାଟଣା ବନବିଭାଗର ମିଳିତ ଉଦ୍ୟମରେ ଭାଲୁଟିକୁ ଉଦ୍ଧାର କରାଯାଇଛି।

### ଶିଶୁମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**ରୁପ୍ରାରୋଡ୍,୨।୮ (ସଞ୍ଜୀବ ଦାସ):** କଳାହାଣ୍ଡି ଜିଲା ରୁପ୍ରାରୋଡ୍‌ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଶିଶୁବାଟିକା, ଶିଶୁ କନିଷ୍ଠ ବିଭାଗ, ଶିଶୁବିଭାଗ ଓ ବାଲ୍ ବିଭାଗର ଛାତ୍ରୀଛାତ୍ର ବିଜ୍ଞାନ ପ୍ରକଳ୍ପ, ବୈଜ୍ଞାନିକଙ୍କ ଫଟୋଚିତ୍ର ପ୍ରଦର୍ଶନ କରିଥିଲେ। ଏହାସହ ଗଣିତ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରଶ୍ନମଞ୍ଚ ଓ ସଂସ୍କୃତିଜ୍ଞାନ ପ୍ରଶ୍ନ ମଞ୍ଚ ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଭୀମକେଲା ଉଚ୍ଚ ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ରାଜୀବ କୁମାର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ଭୋଇ ଅତିଥି ପରିଚୟ ଦେଇଥିବା ବେଳେ ଶିବରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି କାର୍ଯ୍ୟକର୍ତ୍ତା ଓ ଅଭିଭାବକ ଉପସ୍ଥିତ ରହି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ।

# ୯ରେ ଜୁନାଗଡ଼ ଏନ୍‌ଏସିରେ ଅନାସ୍ଥା ଭୋଟିଂ

**ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ବିଜେଡି କାଉନସିଲର**

**ଭବାନୀପାଟଣା,୨।୮ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୁନାଗଡ଼ ଏନ୍‌ଏସିର ୯ ବିଜେଡି କାଉନସିଲର ଓ ଉପାଧ୍ୟକ୍ଷା ମିଶି ଗତ ୧୬ରେ ଅଧ୍ୟକ୍ଷ ମୁକେଶ ଅଗ୍ରୱାଲଙ୍କ ନାଁରେ ଅନାସ୍ଥା ପ୍ରସ୍ତାବ ଆଣି ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଜିଲାପାଳ ଏହା ଉପରେ ବିଚାର ବିମର୍ଷ କରି ଅଗଷ୍ଟ ୧ରେ ସ୍ୱତନ୍ତ୍ର ବୈଠକ ସହ ଅନାସ୍ଥା ଭୋଟିଂ ହେବା ନେଇ ବିଜ୍ଞପ୍ତି ଜାରି କରିଥିଲେ। ହେଲେ ଭୋଟିଂ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳଙ୍କ ସାସ୍ଥ୍ୟଗତ ସମସ୍ୟା ଯୋଗୁ ଭୋଟିଂ ସ୍ଥଗିତ ରଖାଯାଇଥିଲା। ଏହାକୁନେଇ ଶୁକ୍ରବାର ବିଜେଡିର ସମସ୍ତ କାଉନସିଲର ଭବାନୀପାଟଣା ଯାଇ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଆସନ୍ତା ୯ରେ ଏନ୍‌ଏସି କାର୍ଯ୍ୟାଳୟରେ ଅନାସ୍ଥା ଭୋଟିଂ ହେବା ନେଇ ଜିଲାପାଳ ପ୍ରକାଶ କରିଥିବା ବିଜେଡି କାଉନସିଲର ଓ ଉପାଧ୍ୟକ୍ଷା ହିମାଦ୍ରୀ ନାଏକ ସୂଚନା ଦେଇଛନ୍ତି।

# ଆୟୁର୍ବେଦ ଡାକ୍ତରଖାନାରେ ରାତ୍ର ପାଟ୍ରୋଲିଂ ଦାବି

**ଖଡ଼ିଆଳ,୨।୮ (ସୁଜିତ କୁମାର ପ୍ରଧାନ)**



ନୂଆପଡ଼ା ଜିଲା ଖଡିଆଳ ବ୍ଲକ ବିଜେପୁର ଆୟୁର୍ବେଦ ସରକାରୀ ଡାକ୍ତରଖାନା ପରିସର ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି। ଏହି ଡାକ୍ତରଖାନା ଗରିବ ଲୋକଙ୍କୁ ମାଗଣାରେ ଚିକିତ୍ସା ସେବା ସହ ଔଷଧ ବିତରଣ କରିଆସୁଛି। ଆଖପାଖ ଅଞ୍ଚଳର ଗରିବ ଲୋକମାନେ ଏହା ଉପରେ ନିର୍ଭର କରିଥାନ୍ତି। ହେଲେ ଡାକ୍ତରଖାନା ବନ୍ଦ ପରେ ଅର୍ଥାତ୍ ସନ୍ଧ୍ୟାରୁ ରାତ୍ରି ପର୍ଯ୍ୟନ୍ତ ଅଞ୍ଚଳର କେତେକ ଯୁବକ ବାରଣ୍ଡାରେ ମଦ୍ୟପାନ କରିବା ସହ ଖାଲି ବୋତଲ, ପାଣି ପାଉଚ, ପିଲିଥିନ ଫୋପାଡି ଚାଲିଆସୁଛନ୍ତି। ଏହାବ୍ୟତୀତ ପାନ ଛେପ ପକାଇବା ସହ ଗୁଟ୍‌ଖା ଖାଇ ଜରି ପକାଇ ପରିସରକୁ ଦୂଷିତ କରୁଛନ୍ତି। ଏହା ଦ୍ୱାରା ରୋଗୀଙ୍କ ସମେତ ଡାକ୍ତର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୋଲିସ ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରି ରାତ୍ର ପାଟ୍ରୋଲିଂ କରବାକୁ ବିଜେପୁରର ସଚେତନ ନାଗରିକମାନେ ଦାବି କରିଛନ୍ତି।

### ମିଲ୍‌ରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

**କେସିଙ୍ଗା,୨।୮ (ତୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ କୋଣାର୍କ ସୂତାକଳର ଜିନିଂ ମିଲ୍‌ରୁ ଲକ୍ଷାଧିକ ଟଙ୍କାର ତମ୍ବାତାର ଚୋରି ଅଭିଯୋଗ ହୋଇଛି। ମିଲ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କ ଅଭିଯୋଗକ୍ରମେ ୨ମାସ ତଳେ ଜିନିଂ ମିଲ୍ ତନଖି ବେଳେ ସବୁ ଠିକ୍ ଥିଲା। ହେଲେ ଜୁଲାଇ ୩୧ ରାତିରେ ମିଲ୍‌ର ମେଶିନରେ ଲାଗିଥିବା ତମ୍ବାତାର ଚୋରି ହୋଇଥିବା ଦେଖାଯାଇଥିଲା। ଏହାକୁ ନେଇ ସେମାନେ କେସିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୭୩/୨୪) ରୁଜୁକରି ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିବା ଆଇଆଇସି ପ୍ରଦ୍ୟୁମ୍ନ କୁମାର ମହାପାତ୍ର ପ୍ରକାଶ କରିଛନ୍ତି।

# କାମ ବନ୍ଦ ପାଇଁ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

**କଲମ ଗାଁ ହାଟ ପିଣ୍ଡି ନିର୍ମାଣକୁ ନେଇ ବିବାଦ**

**ଭବାନୀପାଟଣା,୨।୮ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ କଲମ ଗାଁରେ ହାଟ ପିଣ୍ଡି ନିର୍ମାଣ ନେଇ ବିବାଦ ତେଜିଛି। ଗ୍ରାମବାସୀ କାମ ବନ୍ଦ ନିମନ୍ତେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁସାରେ, କଲମ ଗାଁରେ ୧୫ତମ ଅର୍ଥ କମିଶନ ଅନୁଦାନରେ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହାଟ ପିଣ୍ଡି ମଞ୍ଜୁର ହୋଇଛି। ଏହାର କାର୍ଯ୍ୟାଦେଶ କନିଷ୍ଠ ଯନ୍ତ୍ରୀ ଶାନ୍ତନୁ ସାହୁଙ୍କ ନାଁରେ ରହିଛି। ଗତ ଜୁଲାଇ ୧୯ରେ କନିଷ୍ଠ ଯନ୍ତ୍ରୀ ସାହୁ କଲମ ଗ୍ରାମର ହଂସଧଜ ବାଗଙ୍କୁ କାମ କରିବାକୁ କହି ଲେ ଆଉଟ ଦେଇଥିଲେ। ପ୍ରାୟ ଦେଢ଼ ଲକ୍ଷ ଟଙ୍କାର କାମ ସାରିବା ପରେ ହଠାତ ସେହି ଗ୍ରାମର ରାଧାମୋହନ ବାଗ କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ପୂର୍ବରୁ କାମ ଚାଲିଥିବା ନିକଟରେ ହାଟ ପିଣ୍ଡି ଆରମ୍ଭ କରିଛନ୍ତି। ଏ ନେଇ ହଂସଧଜ କର୍ଲାପଡା ଫାଣ୍ଡି, ଭବାନୀପାଟଣା ସଦର ବିଡିଓ ଓ କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ପଦକ୍ଷେପ ନିଆ ନ ଯିବାରୁ ଗ୍ରାମବାସୀଙ୍କ ସହ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଏ ନେଇ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଦୟାମୟ ପାଢୀଙ୍କୁ ପଚାରିବାରୁ ତଦନ୍ତ ନିମନ୍ତେ ସଦର ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଥିଲେ। କନିଷ୍ଠ ଯନ୍ତ୍ରୀ ସାହୁଙ୍କୁ ପଚାରିବାରୁ ମୁ କାହାକୁ ମଧ୍ୟ ଲେ ଆଉଟ ଦେଇ ନାହିଁ ବୋଲି କହିଥିଲେ। ଭବାନୀପାଟଣା ବିଡିଓ ଚନ୍ଦନ ଭୋଇଙ୍କୁ ପଚାରିବାରୁ ଏ ନେଇ ଆମେ ତୁରନ୍ତ ଦୁଇପକ୍ଷର କାମ ବନ୍ଦ କରିବୁ ବୋଲି କହିଥିଲେ।

# ରୋଗୀ ଚିକିତ୍ସା, ସ୍ୱାସ୍ଥ୍ୟ କେନ୍ଦ୍ର ବିକାଶକୁ ଗୁରୁତ୍ୱ

**ରୋଗୀ କଲ୍ୟାଣ ସମିତି ବୈଠକ**

**ମୁରିବାହାଲ,୨।୮ (ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତିର ପରିଚାଳନା କମିଟି ବୈଠକ ଶୁକ୍ରବାର ଦିନ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୋଗୀମାନଙ୍କ ଚିକିତ୍ସା ଉପରେ ଗୁରୁତ୍ୱ ଦିଆଯିବା ସହ ସ୍ୱାସ୍ଥ୍ୟକେନ୍ଦ୍ରର ବିକାଶ କରାଯିବା ନେଇ ଆଲୋଚନା କରାଯାଇଥିଲା। ବୈଠକରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଅଧ୍ୟକ୍ଷତା କରିବା ସହ ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ସମସ୍ତ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଡାକ୍ତରମାନଙ୍କୁ ପରାମର୍ଶ ଦେଇଥିଲେ। ଏହାଛଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡିଥିବା ପଦବୀ ଯଥାଶୀଘ୍ର ପୂରଣ କରିବା ସାଙ୍ଗକୁ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଧାୟକ ବାଗ କହିଥିଲେ। ରୋଗୀ କଲ୍ୟାଣ ସମିତି ଆବାହକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ଥବିର କୁମାର ମେହେରଙ୍କ ଆହ୍ୱାନକ୍ରମେ ସଦସ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣାନନ୍ଦ ପୁଟଲ, ବ୍ଲକ ଶିକ୍ଷା ଅଧିକାରୀ, ଶାନ୍ତନୁ କୁମାର ପଡିଆରୀ, ଏମ୍‌ପିଙ୍କ ପ୍ରତିନିଧି ଶ୍ରୀବତ୍ସ ବେହେରା, କୁନି ନାଏକ, ଡା. ଶୁଭମ ପରିଡା, ଡା. ରାଜେଶ କୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିପିଏମ ଯୁଗଳ କିଶୋର ସାହୁ, ଫାର୍ମାସିଷ୍ଟ ମାନସ ରଞ୍ଜନ ଦଲାଇ, ଘନଶ୍ୟାମ ମେହେର, ଆଶିଷ ଠାକୁର, ଭଞ୍ଜୟନୀ ବାଗ, ଗଙ୍ଗାଧର ହେର୍ଣ୍ଣା, ସୁଧାଂଶୁ ଶେଖର ପୋଢ଼ ଯାଦବ, ନେପାଳ ସାହୁ, ନାରାୟଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ବାଗ ସ୍ୱାସ୍ଥ୍ୟକେନ୍ଦ୍ରର ଔଷଧ ବିତରଣ କେନ୍ଦ୍ର ଓ ୱାର୍ଡ ବୁଲି ରୋଗୀମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ବୁଝିଥିଲେ।

# ପଲିଥିନ ତଳେ ବିତୁଛି ଜୀବନ

**ବେହେରା,୨।୮ (ଭୂପେଶ ତିୱାରୀ)**



କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ବେହେରା ଗ୍ରାମ ପଞ୍ଚାୟତର ବହୁ ଗରିବ ଓ ଅସହାୟ ପରିବାର ଆବାସ ଯୋଜନାରୁ ବଞ୍ଚିତ ହୋଇ ବର୍ଷାଦିନେ ପଲିଥିନ ତଳେ ଜୀବନ ବିତାଉଛନ୍ତି। ବାଙ୍କିମୁଣ୍ଡା ଗ୍ରାମର ରସିକ ମଶ୍ରା ଆବାସ ଯୋଜନାରେ ଘର ଖଣ୍ଡେ ପାଇଁ ବ୍ଲକ ଓ ଜିଲା ପ୍ରଶାସନ ନିକଟରେ ଗୁହାରି କରିଥିଲେ ମଧ୍ୟ ସୁଫଳ ପାଇ ନ ଥିବା କହିଛନ୍ତି। ସେହିପରି ଏହି ପଞ୍ଚାୟତର ବେହେରା ଗ୍ରାମର ଗୁଞ୍ଜଲି ବେୱା, କ୍ଷୀର ବେୱା, ନେପାଳ ମାଝୀ, ତୁଳେଶ୍ୱର ପୂଜାରୀ, କେଶବ ଟୋଲଟିଆ, କୀର୍ତ୍ତନ ମାଝୀ, ଲିଙ୍ଗରାଜ ବାଣୁଆ, ବେହେରାପିଟା ଗ୍ରାମର ଶଙ୍କର ବିଶି, ପଲସାପଡାର କିଶନ ମେହେର, ଭରୁଆମୁଣ୍ଡା ଗ୍ରାମର ଜଲିନ ବାଗ, ନୁନପାଣି ଗ୍ରାମର ମଦନ ନାଗ, ଜୟପାଳ ବାଗ, ରବିସୂତ ଘଉତଙ୍କ ପରିବାର ଆବାସ ଯୋଜନାରେ ଘର ନ ପାଇ ପଲିଥିନ ତଳେ ଦୟନୀୟ ଅବସ୍ଥାରେ ପଡିରହିଛନ୍ତି। ଏ ବିଷୟରେ ବେହେରା ସରପଞ୍ଚ କୁମୁଦିନୀ ଗଇଁତା ଓ ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗଙ୍କୁ ପଚାରିବାରୁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରିବା ପାଇଁ ଆମେ ଉଚ୍ଚ ଅଧିକାରୀଙ୍କୁ ଜଣାଇ ସାରିଛୁ। ଖୁବ୍‌ଶୀଘ୍ର ସେମାନଙ୍କୁ ଆବାସ ମିଳିବ ବୋଲି କହିଥିଲେ। ଜିଲାପାଳ ଓ ବିଡିଓ ଏହାର ତଦନ୍ତ କରି ଆବାସ ଯୋଜନାରେ ସାମିଲ କରିବାକୁ ଉପରୋକ୍ତ ପରିବାର ନିବେଦନ କରିଛନ୍ତି।

# ୮ ଶ୍ରେଣୀ ପାଇଁ ଜଣେ ଶିକ୍ଷୟିତ୍ରୀ

**ଶିକ୍ଷାଦାନରେ ସମସ୍ୟା, ବିଇଓଙ୍କୁ ଅଭିଯୋଗ**

**କେସିଙ୍ଗା,୨।୮ (ତୁମେଶ୍ୱର ସାହୁ)**



କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ଦେଓଗାଁ ପଞ୍ଚାୟତ ମହଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୮ ଶ୍ରେଣୀରେ ଜଣେ ଶିକ୍ଷକ ରହିଛନ୍ତି। ଫଳରେ ଶିକ୍ଷାଦାନରେ ଘୋର ସମସ୍ୟା ହେଉଥିବା ନେଇ ଅଭିଭାବକମାନେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନାକ୍ରମେ ମଞ୍ଜପଡ଼ାଠାରେ ପ୍ରଥମରୁ ପଞ୍ଚମ ପ୍ରାଥମିକ ବିଦ୍ୟାଳୟ ୧୯୬୬ରେ ସ୍ଥାପିତ ହୋଇଥିଲା। ସେହିପରି ମହଗାଁଠାରେ ୨୦୦୫ରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖୋଲିଥିଲା। ଏପରିସ୍ଥଳେ ସରକାରଙ୍କ ଆଦେଶ ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟକୁ ୨୦୨୦ରେ ମହଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସାମିଲ କରାଗଲା। ବର୍ତ୍ତମାନ ଏହି ବିଦ୍ୟାଳୟରେ ୧୫୬ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଜଣେ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଦର୍ଶାଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୁଣି ଶିକ୍ଷୟିତ୍ରୀଙ୍କ ଦେହ ଅସୁସ୍ଥ ହେଲେ କିମ୍ବା ଅଫିସ କାର୍ଯ୍ୟରେ କେସିଙ୍ଗା ମୁଖ୍ୟାଳୟକୁ ଗଲେ ସ୍କୁଲ ବନ୍ଦ ରହୁଛି। ଏହାବ୍ୟତୀତ ସ୍କୁଲରେ ଶ୍ରେଣୀଗୃହ ସମସ୍ୟା ମଧ୍ୟ ଲାଗିରହିଛି। ଦୁଇଟି ଶ୍ରେଣୀଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଛି। ନୂତନ ଶ୍ରେଣୀଗୃହ ନିର୍ମାଣ କରିବା ସହିତ ତୁରନ୍ତ ଶିକ୍ଷକ ନିଯୁକ୍ତି ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରାଙ୍କୁ ପଚାରିବାରୁ ଆସନ୍ତା ୫ କିମ୍ବା ୬ ତାରିଖ ମଧ୍ୟରେ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ସୋନପୁର କଲେଜ ଏନ୍‌ସିସି ଅଧିକାରୀଙ୍କୁ ଜାତୀୟ ପୁରସ୍କାର

**ସୋନପୁର,୨।୮(ମୃତ୍ୟୁଞ୍ଜୟ ଶତପଥୀ):** ସୋନପୁର କଲେଜ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ(ଏନ୍‌ସିସି)ର ଅଧିକାରୀ ଲେଫ୍ଟନାଣ୍ଟ ଆଶିଷ ଅଗ୍ରୱାଲ ଡିଜି ଏନସିସି କମେଣ୍ଡସନ ଭଳି ଜାତୀୟ ପୁରସ୍କାର ଲାଭ କରିଛନ୍ତି। ସମ୍ବଲପୁର ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ସାରସ୍ୱତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପରମ ବିଶିଷ୍ଟ ସେନା, ଅତି ବିଶିଷ୍ଟ ସେନା ଓ ବିଶିଷ୍ଟ ସେନା ମେଡାଲପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ତଥା ଡିଜି ଏନ୍‌ସିସି ଗୁରୁବୀରପାଲ ସିଂହ ଉତ୍ତମ କାର୍ଯ୍ୟ ପାଇଁ ଲେଫ୍ଟନାଣ୍ଟ ଆଶିଷ ଅଗ୍ରୱାଲଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ଡେପୁଟି ଡାଇରେକ୍ଟର ଜେନେରାଲ କମୋଡୋର ଜେ.ସୁରେଶ, ସମ୍ବଲପୁର ଶାଖାର ଗ୍ରୁପ କମାଣ୍ଡାଣ୍ଟ କର୍ଣ୍ଣେଲ ଅମିତାଭ ରାୟ, ବଲାଙ୍ଗୀର ଏକାଦଶ ବାଟାଲିୟାନ୍ କମାଣ୍ଡାଣ୍ଟ କର୍ଣ୍ଣେଲ ଅମିତାଭ ବାନାର୍ଜି ଓ ପ୍ରଶାସନିକ ଅଧିକାରୀ କର୍ଣ୍ଣେଲ କେଦାରନାଥ ସାହୁ ଯୋଗ ଦେଇଥିଲେ।

# ସମ୍ବଲପୁରୀ ନୃତ୍ୟଗୀତରେ ବିଭୋର ଦର୍ଶକ

**ଅମରପାଲି,୨।୮(ପୀତାମ୍ବର ସାହୁ)**

କୋଶଲି-ସମ୍ବଲପୁରୀ ଭାଷା ସାହିତ୍ୟର ଅନନ୍ୟ ଯୁଗସ୍ରଷ୍ଟା ତଥା କାଳଜୟୀ କବି ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ତଥା ସମ୍ବଲପୁରୀ ଦିନ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କଦଳୀପାଲି ଛକରେ ମୁକ୍ତମଞ୍ଚରେ ଖୁବ ଧୁମଧାମ୍‌ରେ ପାଳିତ ହୋଇଯାଇଛି। ଏକତା ଗ୍ରୁପ ଦ୍ୱାରା ଆୟୋଜିତ ଉତ୍ସବରେ ଭାଷା ସଂସ୍କୃତିପ୍ରେମୀ ବିଶିଷ୍ଟ ଅତିଥିମାନେ ଯୋଗଦେଇ କବି ସତ୍ୟନାରାୟଣ ବହିଦାରଙ୍କ ଭାଷାପ୍ରୀତି ଓ ସୃଜନ ଉପରେ ଆଲୋଚନା କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଯୁବ ନିର୍ଦ୍ଦେଶକ ତଥା ପ୍ରଯୋଜକ ପାଣିନୀ ପ୍ରାଞ୍ଜଙ୍କ ପୌରହିତ୍ୟରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବ ଓ ସମ୍ବଲପୁରୀ ଦିନ ପାଳନ ଅବସରରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ ଭୋଇ ଅତିଥି ଭାବେ ଯୋଗଦେଇ ପଶ୍ଚିମ ଓଡ଼ିଶାର ଶବ୍ଦକୋଷ, ଭାଷା-ସାହିତ୍ୟ ଓ ସଂସ୍କୃତିର ସମୃଦ୍ଧିରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ମହାର୍ଘ ଅବଦାନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଯୁବ କଳାକାରଙ୍କୁ ମା'ମାଟିର ଭାଷା ଓ ସଂସ୍କୃତିର ଉନ୍ନତି ପାଇଁ ସମର୍ପିତ ରହିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପାଣିନୀ ପ୍ରାଞ୍ଜଙ୍କ ନେତୃତ୍ୱରେ ଭାଷା ଭାବନାକୁ ଜାଗ୍ରତ କରି ରଖିବାକୁ ଉପସ୍ଥିତ



ନୃତ୍ୟଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### କଦଳୀପାଲି ଛକରେ ସମ୍ବଲପୁରୀ ଦିନ୍ ପାଳନ

ସଂସ୍କୃତିପ୍ରେମୀ କଳାକାର ଓ ଦର୍ଶକ ସମୂହ ସଂକଳ୍ପ ନେଇଥିଲେ। ସମ୍ବଲପୁରୀ ଦିନ ଭାବେ କବି ସତ୍ୟନାରାୟଣଙ୍କ ଜୟନ୍ତୀ ପାଳନ ଅବସରରେ କଳାହାଣ୍ଡି ଭବାନୀପାଟଣାର ସମ୍ବଲପୁରୀ ନୃତ୍ୟ ଦଳ, ସମ୍ବଲପୁରର ଡୁଲିଆ ଖୁସା ନୃତ୍ୟ ଦଳ, ବୀରମହାରାଜପୁର ଅଞ୍ଚଳର ତେଲିପାଲି, ବଲିପାଲି, ଓ ବଡ଼ମାଲର ନୃତ୍ୟ ଦଳ ସହ ବୀରମହାରାଜପୁରସ୍ଥିତ ପାୟୋନିୟର ସ୍କୁଲର ଶିଶୁଶିଳ୍ପୀଙ୍କ ଦ୍ୱାରା ଲୋକନୃତ୍ୟ ଓ ଲୋକଗୀତ ପରିବେଷଣ ହୋଇଥିଲା। ଅଂଶଗ୍ରହଣ କରିଥିବା ସମସ୍ତ ନୃତ୍ୟ ଶିଳ୍ପୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶତାଧିକ ଦର୍ଶକ ଉପଭୋଗ କରିଥିଲେ। ଏକତା ଗ୍ରୁପ ପକ୍ଷରୁ ଆୟୋଜିତ ସମ୍ବଲପୁରୀ ଦିନ କାର୍ଯ୍ୟକ୍ରମରେ ଗ୍ରୁପର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଭରଣାକଲା ଜୁଲାଇ ଶେଷ ସପ୍ତାହ ବର୍ଷା


ପଦ୍ମପୁର ବ୍ଲକରେ ଧାନ ବେହୁଡା ଚାଲିଛି।

**ପଦ୍ମପୁର,୨।୮(ପ୍ରଦୀପ୍ତ ଦାଶ)**

### ଜୁଲାଇରେ ପଦ୍ମପୁରରେ ୧୭୦ ମି.ମି. ଅଧିକ ବର୍ଷା

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ୩ଟି ବ୍ଲକ ପଦ୍ମପୁର, ପାଇକମାଳ ଓ ଝାରବନ୍ଧରେ ଗତ ସପ୍ତାହେ ହେବ ବର୍ଷା ଲାଗି ରହିଛି। ଏହି ବର୍ଷାରେ ଚାଷୀ ତାର କୃଷି କାର୍ଯ୍ୟ ତ୍ୱରାନ୍ୱିତ କରିଛି। ଜୁଲାଇରେ ପଦ୍ମପୁର ଉପଖଣ୍ଡରେ ହାରାହାରି ବୃଷ୍ଟିପାତ ୩୬୧ ମି.ମି. ହେବାକଥା। ମାତ୍ର ଏଥର ପଦ୍ମପୁର ବ୍ଲକରେ ୫୩୦ ମି.ମି., ପାଇକମାଳ ବ୍ଲକ୍‌ରେ ୫୬୧ମି.ମି., ଝାରବନ୍ଧ ବ୍ଲକରେ ୫୩୬ ମି.ମି. ବର୍ଷା ରେକର୍ଡ କରାଯାଇଛି। ଅର୍ଥାତ ଏହି ୩ ବ୍ଲକରେ ଆବଶ୍ୟକଠାରୁ ୧୭୦ ମି.ମି. ଅଧିକ ବର୍ଷା ହୋଇଛି। ମାତ୍ର ଏହି ଉପଖଣ୍ଡ ଅଧୀନ ଗାଇସିଲେଟରେ ୨୯୨ମି.ମି., ବିଜେପୁରରେ ୩୦୭ ମି.ମି. ଓ ସୋହେଲା ବ୍ଲକରେ ସର୍ବନିମ୍ନ ୨୪୭ ମି.ମି. ବର୍ଷା ହୋଇଛି। ନିଅଣ୍ଟିଆ ବର୍ଷା ଯୋଗୁ ଏହି ୩ ବ୍ଲକରେ ଚାଷକାର୍ଯ୍ୟ ସାମାନ୍ୟ ପଛେଇ ଯାଇଛି।

### ସାମାଜିକ କର୍ମୀ ଶଶିଭୂଷଣ ସାହୁଙ୍କ ପରଲୋକ

**ବରପାଲି,୨।୮(ଚିତ୍ତରଞ୍ଜନ ସାହୁ):** ବରଗଡ଼ ଜିଲା ବରପାଲିର ଜଣେ ସାମାଜିକ କର୍ମୀ ଶଶିଭୂଷଣ ସାହୁ(୭୦)ଙ୍କ ଗୁରୁବାର



ସନ୍ଧ୍ୟା ୬ଟାରେ ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସିତ ଅବସ୍ଥାରେ ଦୀର୍ଘ ବର୍ଷ ରହିଥିଲେ। ସେ ଜଣେ ଧାର୍ମିକ, ଜନପ୍ରିୟ, ମିଷ୍ଟଭାଷୀ ବ୍ୟକ୍ତି ରହିଥିଲେ। ବରପାଲି ତହସିଲଛକ ଜୟ ଜଗଦମ୍ବା କ୍ଲବର ଜଣେ ବରିଷ୍ଠ ସଭ୍ୟ ତଥା ଷ୍ଟାମ୍ପ ଭେଣ୍ଡର ଭାବେ କାର୍ଯ୍ୟରତ ରହିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ନ ରହିବାରୁ ଭେଣ୍ଡର କାର୍ଯ୍ୟରୁ ଅବସର ନେଇଥିଲେ। ବିୟୋଗ ସମୟରେ ତାଙ୍କ ପରିବାର ବର୍ଗ ଉପସ୍ଥିତ ରହିଥିଲେ। ସାହୁଙ୍କ ବିୟୋଗ ଖବର ପାଇ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏକମାତ୍ର ପୁଅ ତନ୍ମୟ ସାହୁ ମୁଖାଗ୍ନି ଦେଇଥିଲେ। ସେ ଧରିତ୍ରୀ ଖବର କାଗଜ ବରପାଲି ବ୍ଲକ ଖବରଦାତା ଚିତ୍ତରଞ୍ଜନ ସାହୁଙ୍କ ଦ୍ୱିତୀୟ ବଡ଼ଭାଇ ଥିଲେ।

# ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଭାବଧାରା ବିଶ୍ୱବିଦିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ପଦ୍ମପୁର,୨।୮(ପ୍ରଦୀପ୍ତ ଦାଶ)**

### ୱେଷ୍ଟର୍ନ ଓଡ଼ିଶା ଷ୍ଟୁଡେଣ୍ଟ୍ସ ଫୋରମ ପକ୍ଷରୁ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ପାଳିତ

ନୂଆଦିଲ୍ଲୀସ୍ଥିତ ହୌଜଖାସ ଜଗନ୍ନାଥ ମନ୍ଦିରର ପ୍ରାଙ୍ଗଣରେ ୱେଷ୍ଟର୍ନ ଓଡିଶା ଷ୍ଟୁଡେଣ୍ଟ ଫୋରମ ନୂଆଦିଲ୍ଲୀ ପକ୍ଷରୁ ସମ୍ବଲପୁରୀ ଭାଷାର ଅସ୍ମିତାର ପରିଚୟ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ ତଥା ସମ୍ବଲପୁରୀ ଦିନ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ କରି କବିଙ୍କ ସମ୍ବଲପୁରୀ ଭାଷା, ବ୍ୟାକରଣ ଓ ସଂସ୍କୃତି ପ୍ରତି ଯୋଗଦାନ ବିଷୟରେ ଆଲୋଚନା କରିଥିଲେ। ସାଂସ୍କୃତିକ ଚେତନାରେ ଯୁବଗୋଷ୍ଠୀଙ୍କୁ ପ୍ରେରିତ କରିବା ପାଇଁ ଜାତୀୟ ପୁରସ୍କାପ୍ରାପ୍ତ ସମ୍ବଲପୁରୀ ଚଳଚ୍ଚିତ୍ର ଆଦିମ ବିଚାର ପ୍ରଦର୍ଶିତ କରି ଆନନ୍ଦ ନେଇଥିଲେ। ଜୱାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ଉପକୂଳପତି ଅବସରପ୍ରାପ୍ତ ପ୍ରଫେସର୍ ହିମାଦ୍ରି ବହିଦାର କବିଙ୍କ ଜୀବନୀ ଓ ସାରସତ କୃତୀ ଉପରେ ଆଲୋକପାତ କରି ପଶ୍ଚିମ ଓଡିଶାର ସାଂସ୍କୃତିକ ଭାବଧାରା ବିଶ୍ୱବିଦିତ ବୋଲି ଉଦ୍‌ବୋଧନ ଦେଇଥିଲେ। ୱାର୍ଲ୍ଡ ଫୋକସ କାର୍ଯ୍ୟକାରୀ ସମ୍ପାଦକ ଡ.ଭବାନୀ ଦୀକ୍ଷିତ, ସର୍ବୋଚ୍ଚ ନ୍ୟାୟଳୟ ବରିଷ୍ଠ ଅଧିବକ୍ତାମାନଙ୍କ ମଧ୍ୟରୁ କେଦାରନାଥ ତ୍ରିପାଠୀ, ସୋମନାଥ ପଧାନ, ଅବନିକାନ୍ତ ସାହୁ, ମାନସ ରଞ୍ଜନ ପାଢୀ, ଜ୍ଞାନଦତ୍ତ ଚୌହାନ, ଜୁହାର ପରିବାର ବରିଷ୍ଠ ସଦସ୍ୟ ଗଜେନ୍ଦ୍ର ସାହୁ, ବିଜୁ ନାଏକ, ମାନସ ରଞ୍ଜନ ମିଶ୍ର, ସତ୍ୟନାରାୟଣ ପ୍ରଧାନ, ନୀଳାଚଳ ସେବା ସଷ୍ଠାନ ସମ୍ପାଦକ ରବି ପ୍ରଧାନ ଯୋଗଦାନ କରି ସମ୍ବଲପୁରୀ ଭାଷା ସଂସ୍କୃତି ମହତ୍ତ୍ୱ ଆଉ ଏହାର ଭିନ୍ନତା ଉପରେ ଏକ ସରରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସୁଜିତ କୁମାର ଲୁହା, ଗଣେଶ ଗାଇଗୌରିଆ, ପଦ୍ମଲୋଚନ ପଧାନ, ଆଦିତ୍ୟ ତ୍ରିପାଠୀ, ଜୟଶ୍ରୀ, କ୍ରିତୀକା, ଯୋର୍ତିମୟୀ ବେହେରା, ପପୁନ ସାହୁ ପ୍ରମୁଖ ଯୋଗଦାଦେଇଥିଲେ। ଦିଲ୍ଲୀସ୍ଥିତ ବିଭିନ୍ନ ଶିକ୍ଷାନୁଷ୍ଠାନ ଶତାଧିକ ଛାତ୍ରୀଛାତ୍ର ଓ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରି ସମ୍ବଲପୁରୀ ଦିନକୁ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ସହ ଉପଭୋଗ କରିଥିଲେ। ଶେଷରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ.ସର୍ବେଶ୍ୱର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ପଦ୍ମପୁର,୨।୮(ପ୍ରଦୀପ୍ତ ଦାଶ):** ସ୍ଥାନୀୟ ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟରେ ଲୋଭାଦିନୀ ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ପ୍ରଧାନ ଶିକ୍ଷକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଲୋକନାଥ ଭୋଇ ଏବଂ ସମ୍ମାନିତ ଅତିଥି ଭାବେ ଚନ୍ଦ୍ରଭାନୁ ସାହୁ, ସୁଶାନ୍ତ ସାହୁ ଏବଂ ଆହ୍ଲାଦିନୀ ପଣ୍ଡା ଯୋଗଦେଇଥିଲେ। ମୁଖ୍ୟଅତିଥିଙ୍କ ଦ୍ୱାରା ଗଣେଶ ଓ ସରସ୍ୱତୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଦୀପ ପ୍ରଜ୍ୱଳନ କରାଯାଇଥିଲା ଓ ବିଦ୍ୟାଳୟ ଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର ତଥା ଅନ୍ୟାନ୍ୟ କର୍ମଚାରୀ ପ୍ରଧାନ ଶିକ୍ଷକଙ୍କ କର୍ମତତ୍ପରତା, ସହଯୋଗ ମନୋବୃତ୍ତି ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ କାର୍ଯ୍ୟକାଳର ଅନୁଭୂତିର ସ୍ମୃତିଚାରଣ କରିଥିଲେ। ବିଦ୍ୟାଳୟ ଶିକ୍ଷକ ଅଭିଳାଷ ସାହୁଙ୍କ ସଂଯୋଜନାରେ ସଭା ପରିଚାଳିତ ହୋଇଥିଲା। ପ୍ରଧାନ ଶିକ୍ଷକ ଲୋଭାଦିନୀ ସାହୁ, ବରିଷ୍ଠ ଶିକ୍ଷକ ଅଭିଳାଷ ସାହୁଙ୍କୁ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ପ୍ରଦାନ କରିବା ସହ ଉକ୍ତ ବିଦ୍ୟାଳୟ ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିବାକୁ ଦାୟିତ୍ୱ ପ୍ରଦାନ କରିଥିଲେ। ଶେଷରେ ବିଦାୟ ସଙ୍ଗୀତ ଛାତ୍ରମାନଙ୍କ ଦ୍ୱାରା ଗାନ କରାଯାଇଥିଲା। ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ମୋହନ ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ



**ଗାଇସିଲେଟ,୨।୮(ଦୁର୍ଗା ପ୍ରସାଦ ତ୍ରିବେଦୀ)**

ବରଗଡ଼ ଜିଲା ଗାଇସିଲେଟ ବ୍ଲକରେ ସ୍ୱାଧୀନତା ଦିବସ ପାଳନ ପାଇଁ ବ୍ଲକ ସଭାଗୃହଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଲକ୍ଷ୍ମଣ ମାଝିଙ୍କ ସଭାପତିତ୍ୱରେ ଅପରାହ୍ନ ୪ଟାରେ ସଭା ଅନୁଷ୍ଠିତ ହୋଇଥିଲା। ସ୍ୱାଧୀନତା ଦିବସ ସୂଚାରୁ ରୂପେ ପାଳନ ଏବଂ ଛାତ୍ରୀଛାତ୍ରମାନଙ୍କ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯିବାକୁ ଆଲୋଚନା ହୋଇଥିଲା। ଏହି ଅବସରରେ ଭୋରରେ ରାମଧୁନ ସହିତ ପ୍ରଭାତଫେରି, ଶହୀଦ ସ୍ତମ୍ଭରେ ମାଲ୍ୟାର୍ପଣ, କଲେଜ ଛକରେ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ମଲ୍ୟାର୍ପଣ। ଅଞ୍ଚଳର ସମସ୍ତ ସ୍କୁଲ, କଲେଜ, ସରକାରୀ ତଥା ବେସରକାରୀ ଅନୁଷ୍ଠାନରେ ଜାତିୟ ପତାକା ଉତ୍ତୋଳନ କରାଯିବ। ସ୍ଥାନୀୟ ମିନି ଷ୍ଟାଡିୟମରେ ବ୍ଲକସ୍ତରୀୟ ପତାକା ଉତ୍ତୋଳନ କରାଯିବ। ଏହି ଉତ୍ସବରେ ବ୍ଲକ ଅଧ୍ୟକ୍ଷ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବେ ଏବଂ ଅତିଥିମାନଙ୍କ ସହ ଅଭିବାଦନ ଗ୍ରହଣ କରି ଉଦ୍‌ବୋଧନ ଦେବେ। ପରେ ବିଭିନ୍ନ ଅନୁଷ୍ଠାନ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦଶନ ପରେ ପୂର୍ବରୁ ଅନୁଷ୍ଠିତ କରାଯାଇଥିବା କୃତୀ ଛାତ୍ରୀଛାତ୍ର, ବ୍ଲକର ମାଟ୍ରିକ, ଯୁକ୍ତ୨ ସର୍ବୋଚ୍ଚମାର୍କ ରଖିଥିବା ଛାତ୍ର ଏବଂ ବ୍ୟକ୍ତି ବିଷେଶ ସମ୍ମାନିତ କରାଯିବା ପରେ ମିଷ୍ଟାନ୍ନ ବଣ୍ଟନ କରାଯିବ ସହ ଅପରାହ୍ନରେ ଖେଳ ଅନୁଷ୍ଠିତ ହେବ।

## ଚୋରି ଅଭିଯୋଗରେ ଜଣେ ଗିରଫ

**ବରଗଡ଼,୨।୮(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ଥାନା ପୋଲିସ ଚୋରି ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କାଶିପାଲି ଗ୍ରାମର ବଲ୍ଲଭ ଭୁଏ(୪୫)। ଗିରଫ ଅଭିଯୁକ୍ତ ଅମ୍ବାଭୋନା ଥାନା ଅଞ୍ଚଳର ବିଭିନ୍ନ ମନ୍ଦିର, ଅଙ୍ଗନୱାଡ଼ି କେନ୍ଦ୍ରରୁ ଚୋରି କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ପୋଲିସ କହିଛି। ତାଙ୍କ ବିରୋଧରେ ଅମ୍ବାଭୋନା ଥାନାରେ ଏକ ମାମଲା (ନଂ.୧୪୭/୨୪) ରୁଜୁ ହୋଇଛି।

## ତରଭା ଥାନାରେ ସଚେତନତା ବୈଠକ

**ତରଭା, ୨।୮(ମାନଭଞ୍ଜନ ମିଶ୍ର)**

ଗ୍ରାହକମାନଙ୍କ ଧନସମ୍ପତ୍ତିର ସୁରକ୍ଷା ସକାଶେ ସଦାସର୍ବଦା ସତର୍କ ରହିବାକୁ ତରଭା ଥାନା ଆଇଆଇସି ଅନିତା କିଡୋ ପରାମର୍ଶ ଦେଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ବ୍ୟାଙ୍କ କର୍ମଚାରୀ, ପେଟ୍ରୋଲ ପମ୍ପ ମାଲିକଙ୍କୁ ନେଇ ଥାନା ପରିସରରେ ଆୟୋଜିତ ବୈଠକରେ ଆଇଆଇସି କିଡୋ ପର୍ବପର୍ବାଣୀ ସମୟରେ ସିସି ଟିଭି କ୍ୟାମେରାକୁ ଠିକ ରଖିବା ସହ ବ୍ୟାଙ୍କକୁ ବିନା କାମରେ ଆସି ବୁଲୁଥିବା କିମ୍ବା ବସି ରହୁଥିବା ବ୍ୟକ୍ତିଙ୍କ ପ୍ରତି ସତର୍କ ଦୃଷ୍ଟି ରଖିବା, ସନ୍ଦେହ ହେଲେ ପୋଲିସକୁ ସୂଚନା ଦେବାକୁ କହିଥିଲେ। ପେଟ୍ରୋଲ ପମ୍ପ ମାଲିକମାନେ ବ୍ୟାଙ୍କକୁ ଟଙ୍କା ପଠାଇବା ବେଳେ ବିଶେଷ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ସୁଶାନ୍ତ କୁମାର ସାହୁ, ୟୁନିଅନ ବ୍ୟାଙ୍କ ଶାଖା ପରିଚାଳକ ମହେନ୍ଦ୍ର ମେହେର, ବଲାଙ୍ଗୀର ଜିଲା ସମବାୟ ବ୍ୟାଙ୍କ ସୁପରଭାଇଜର ଚତୁର୍ଭୁଜ ସାଣ୍ଡ, ଓମ ଶ୍ରୀସାଇ ଫିଲିଙ୍ଗ ଷ୍ଟେସନର ମାଲିକ ସତୀଶ କୁମାର ସାହୁ,ବିଜୟଲକ୍ଷ୍ମୀ ଫୁଏଲସର ମାଲିକ ପ୍ରବୀଣ ଅଗ୍ରୱାଲ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

## ସ୍କୁଲରେ ସାଧାରଣଜ୍ଞାନ ପ୍ରତିଯୋଗିତା



ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥିବୃନ୍ଦ।

**ବରଗଡ଼,୨।୮(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ମୁଲବାର ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବରଗଡ଼ର ସାମାଜିକ ଅନୁଷ୍ଠାନ ଜନକଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ବିଦ୍ୟାଳୟର ଷଷ୍ଠ ଏବଂ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜନ କଲ୍ୟାଣ ସେବା ଟ୍ରଷ୍ଟର ଆଜୀବନ ସଦସ୍ୟ ଦୟାନିଧି ପ୍ରଧାନ, ଟ୍ରଷ୍ଟର ପ୍ରତିଷ୍ଠାତା ମୁକୁନ୍ଦ ଦାଶ ପ୍ରମୁଖ ଯୋଗଦେଇ ସାଧାରଣଜ୍ଞାନ ପ୍ରତିଯୋଗିତା ଆୟୋଜନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ କୈଳାଶ ଭୁଏ ଅଧ୍ୟକ୍ଷତା କରିଥିଲେ। ସେହିପରି ଆଶିଷ କୁମାର ରଥ ଏବଂ କୈଳାସ ଭୁଏ ଜନ କଲ୍ୟାଣ ସେବା ଟ୍ରଷ୍ଟର ଆଜୀବନ ସଦସ୍ୟତା ଗ୍ରହଣ କରିଥିଲେ। ଉକ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୧୫ ତାରିଖ ସ୍ୱାଧୀନତା ଦିବସରେ ପୁରସ୍କୃତ କରାଯିବ ବୋଲି ଟ୍ରଷ୍ଟର ପ୍ରତିଷ୍ଠାତା ଦାଶ ସୂଚନା ଦେଇଛନ୍ତି। ଶ୍ରୁତିମୟୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ସମ୍ବଲପୁରୀ ଦିନ୍ ପାଳିତ

**ସରଣ୍ଡା,୨।୮(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରାଠାରେ ଗୁରୁବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ବଲପୁରୀ ଦିନ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତାବିରା ବିଧାୟକ ନିହାରରଞ୍ଜନ ମହାନନ୍ଦ, ସମ୍ମାନିତ ଅତିଥି ଭାବେ ଅତାବିରା ବିଡିଓ ସୂର୍ଯ୍ୟ କୁମାର ନାଏକ, ତହସିଲଦାର ବ୍ରଜକିଶୋର ସାହୁ, ଥାନା ଅଧିକାରୀ ସୁକୁମାର ତ୍ରିପାଠୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗିରିନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ମନ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ରବିନାରାୟଣ ପଣ୍ଡା ସଂଯୋଜନା କରିଥିଲେ। ଏଠାରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ମନୋଜ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଲାଦେରପାଲି ରାମଚଣ୍ଡୀ ମନ୍ଦିର କଲ୍ୟାଣ ମଣ୍ଡପରେ କୁଲିତା ସମାଜ ସଭାପତି ଦିବାକର ପ୍ରଧାନଙ୍କ ତତ୍ତ୍ୱାବଧାନ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ମୁଖ୍ୟଅତିଥି, ବିଜେପୁର ବିଧାୟକ ସନତ ଗଡ଼ତିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୁଶ୍ରୀ ପ୍ରିୟ ଦର୍ଶିନୀ ଅର୍ଚ୍ଚନା ବାଗଙ୍କ ଉପସ୍ଥାପନାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରୀ ବାଜା ଗଜା, ନାଚଗୀତରେ ମଞ୍ଚ ଦୁଲକି ଉଠିଥିଲା। ଏହା ସହ ନାନା ପ୍ରକାରର ସମ୍ବଲପୁରୀ ପିଠାପଣା ଓ ସମ୍ବଲପୁରୀ କପଡା ପ୍ରଦର୍ଶନ କରାଯାଇଥିଲା। ଅନ୍ୟପଟେ ଅତାବିରା ବୀର ସୁରେନ୍ଦ୍ର ସାଏଁ କ୍ଲବ ପକ୍ଷରୁ ସମ୍ବଲପୁରୀ ଦିନ କୁ ରକ୍ତଦାନ କାର୍ଯ୍ୟକ୍ରମ କରି ସମ୍ବଲପୁରୀ ଦିନ ପାଳନ କରାଯାଇଥିଲା। ରକ୍ତଦାନରେ କ୍ଲବ ସଦସ୍ୟଙ୍କ ସହ ୫୨ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ।


ସମ୍ବଲପୁରୀ ଦିନ କାର୍ଯ୍ୟକ୍ରମରେ ପରିବେଷଣ ସାଂସ୍କୃତିକ କାର୍ଯ୍ୟକ୍ରମ।

**ବରପାଲି,୩୧।୭(ଚିତ୍ତରଞ୍ଜନ ସାହୁ)** ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱରେ ସମ୍ବଲପୁରୀ ଦିନ ପାଳନ (ସମ୍ବଲପୁରୀ ଭାଷା ସାହିତ୍ୟ ସମ୍ମିଳନୀ) ଭିତ୍ତିକ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗ ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁଙ୍କ ସଂଯୋଜନା ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଘରଯୁଗୀ ଗଡତିଆ ଯୋଗଦେଇ ଆମ ପଶ୍ଚିମାଞ୍ଚଳର ଭାଷା ସମ୍ବଲପୁରୀ ସାହିତ୍ୟର ମାର୍ମିକ ଉପସ୍ଥାପନା କରିବା ସହ ଗୁରୁ ସତ୍ୟ ନାରାୟଣ ବହିଦାର, ନୀଳ ମାଧବ ପାଣିଗ୍ରାହୀ, ପଦ୍ମଶ୍ରୀ ଲୋକ କବି ହଳଧର୍ ନାଗ, ପ୍ରୟାଗ ଦତ୍ତ ଯୋଶୀ ପ୍ରଭୃତି ମହାରଥିମାନଙ୍କ ସ୍ମୃତି ଚାରଣ କରିଥିଲେ। ସଂସ୍କୃତିର ଅନ୍ତର୍ନିହିତ ବାସ୍ତବତା ଯାହା ଧୀରେ ଧୀରେ ଲୁକ୍କାଇତ ହୋଇଯାଉଛି ସେ ସବୁ ପ୍ରସଙ୍ଗକୁ କେନ୍ଦ୍ରକରି ଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଅଧ୍ୟାପିକା ପିଙ୍କି ବାରିକ ଅତିଥିମାନଙ୍କୁ ସ୍ୱାଗତ ସମ୍ଭାଷଣ କରିଥିଲେ। ସମ୍ବଲପୁରୀ ଗୀତ ବାଦ୍ୟ ସହ ଆରିସା, କାକରା, ମଣ୍ଡା, ଚାଉଳ ବରା, ପକୁଡ଼ି, ପ୍ରଭୃତି ଖାଦ୍ୟ ଗ୍ରହଣ ସହ, ପରିଶେଷରେ ଅଧ୍ୟାପିକା ନିଳୀମା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ନେପାଳ ବିଶ୍ୱାଳ ଅଧ୍ୟାପିକା ପୁନମ ସାହୁ, ସସ୍ମିତା ମେହେର, ମନୀଷା ଭୋଇ, ଶୋଭାବତୀ ଥପା, ପରିଣୀତା ପଧାନ ସହକର୍ମୀ ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ, ବିରେନ୍ଦ୍ର ଖଟୁଆ, ନୃପରାଜ ଭୁଏ, ତ୍ରିପୁରା ବେହେରାଙ୍କ ସମେତ ଛାତ୍ରୀମାନେ ଉପସ୍ଥିତ ଥିଲେ।

ଅତାବିରାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଆମ ପରିବାର ପକ୍ଷରୁ ଏଥର ୬ବର୍ଷରେ ଅଗଷ୍ଟ ୧ ତାରିଖ ସମ୍ବଲପୁରୀ ଦିନ-୨୦୨୪ ଖୁବ ଧୁମଧାମରେ ପାଳିତ ହୋଇଯାଇଛି। ସ୍ଥାନୀୟ ଅଗ୍ରସେନ ଭବନଠାରେ ଅନୁଷ୍ଠିତ ସମଲପୁରୀ ଉତ୍ସବ ସାମାଜିକ ଅନୁଷ୍ଠାନ ଆମ ପରିବାର ଅତାବିରା ସଭାପତି ତଥା ମୁଖ୍ୟ ନବୀନ କୁମାର ଦାଶଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅତାବିରା ତହସିଲଦାର ବ୍ରଜ କିଶୋର ସାହୁ, ସମ୍ମାନିତ ଅତିଥି ଭାବେ ଅତାବିରା ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶ୍ୱିନୀ କୁମାର ପ୍ରଧାନ, ଆନ୍ତର୍ଜାତିକ ପର୍ବତାରୋହୀ ଲିପିକା ସେଠ, ସିଂହପାଲି ସ୍କୁଲ ଅବସର ପ୍ରାପ୍ତ ଶିକ୍ଷକ ପାନିବୁଡୁ ପ୍ରଧାନ ଯୋଗଦେଇଥିଲେ। ଗବେଷକ ଲୋକ ସାହିତ୍ୟ ଲେଖକ ଲରମ୍ଭା ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଡାକ୍ତର ଅଜିତ ନାଥଙ୍କ ପରିଚାଳନାରେ କବି ଦୁର୍ଲ୍ଲଭ ଗଡତିଆଙ୍କ ତତ୍ତ୍ୱାବଧାନରେ ଅତାବିରା ନଟରାଜ କଳା ପରିଷଦ ସାଂସ୍କୃତିକ ଦଳ ଏବଂ ଅତାବିରା ବ୍ଲକର ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଅବସରପ୍ରାପ୍ତ ଶିକ୍ଷକ କୈଳାସ ମହାରଣା, ଟିଂଟୁ ଗାମିନା, ପବିତ୍ର ମେହେର, କବି ସଞ୍ଜୁ ପ୍ରଧାନ, ନେତ୍ରା ନନ୍ଦ ଗଡତିଆ। ନୃତ୍ୟ ସଙ୍ଗୀତ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଚଳିତ ବର୍ଷ ବିଶେଷ ଆକର୍ଷଣ ରୂପେ ସମ୍ବଲପୁରୀ ଭଜନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଭାଗ ନେଇଥିବା ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀର ଅତାବିରା ବ୍ଲକର ୩ଜଣ ଛାତ୍ରୀଙ୍କୁ ମାନପତ୍ର, କପ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଗ୍ରୁପ ଡ୍ୟାନ୍ସ ସହ ପ୍ରତି ଯୋଗିତାରେ ଭାଗ ନେଇଥିବା ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ମା' ପାଇଁ ଗଛ ଟିଏ କାର୍ଯ୍ୟକ୍ରମରେ ଗଛ ପ୍ରଦାନ କରାଯାଇଥିଲା। ଶେଷରେ କବି ସଞ୍ଜୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**ପଦ୍ମପୁର (ପ୍ରଦୀପ୍ତ ଦାଶ):** ପଦ୍ମପୁର ଟାଉନ ହଲରେ ସମ୍ବଲପୁରୀ ଦିନ ପାଳିତ ହୋଇଛି। ଏହି ଅବସରରେ ସମ୍ପାଦକ ରାଜେନ୍ଦ୍ର ମହାନ୍ତି, ସଭାପତି ରାଜୁ ଘିବେଲା, ଡ. ପ୍ରମୋଦ ପାଢୀ, ନ୍ୟଟକାର ଅଶୋକ ବହିଦାର, କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠୀ ଓ ବିଭୁତି ପଟନାୟକ, କବି ଅଧିକାରୀ ସା, ରମଣୀରଞ୍ଜନ ବିଶ୍ୱାଳ, ଭୀଷ୍ମଦେବ ସାହୁ, ଅବନିକାନ୍ତ ସାହୁ, ଆଖଣ୍ଡଳ ଦାସ, ନରୋତ୍ତମ ଦାସ, ସ୍ୱର୍ଗତ ମନରଞ୍ଜନ ସାହୁ, ଯୁବ କବି ପୌଲସ୍ତି ସାହା, ଗାଳ୍ପିକ ଶୁଶ୍ରୀ ଜିତେଶ୍ୱରୀ, ପ୍ରଭାତ ସାହୁ ଉପସ୍ଥିତ ଥିଲେ। ଅନୁଷ୍ଠାନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ, ସମ୍ବଲପୁରୀ ସାହିତ୍ୟ, ସଂସ୍କୃତି, ସଂଗୀତ ଓ କଳାର ପ୍ରସାର ଓ ସଂରକ୍ଷଣ ଉପରେ ଆଲୋଚନା କରାଯାଇଥିଲା। ସାମାଜିକ, ସାହିତ୍ୟ ଓ ସଂସ୍କୃତିକ ମଣ୍ଡଳର ବିଭିନ୍ନ ବ୍ୟକ୍ତିତ୍ୱ ତାଙ୍କର ଅଭିଭାଷଣରେ ସମ୍ବଲପୁରୀ ସଂସ୍କୃତିର ଗୌରବ ବିଷୟରେ ଉଲ୍ଲେଖ କରିଥିଲେ। ସମ୍ବଲପୁରୀ ସଂସ୍କୃତିକ ଅବଦାନର ସ୍ମୃତିରେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନ ଦେଇଥିଲେ। ଏହି ଆୟୋଜନ ସମ୍ବଲପୁରୀ ସଂସ୍କୃତିର ପ୍ରତି ଲୋକଙ୍କର ଆଗ୍ରହ ବୃଦ୍ଧି କରିବା ଏବଂ ଏହି ସଂସ୍କୃତିକୁ ଆଗକୁ ବଢ଼ାଇବାରେ ଏକ ଦୃଷ୍ଟାନ୍ତ ପଦକ୍ଷେପ ଭାବେ ପରିଣତ ହୋଇଛି।

## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ କରି ଲୁଟ୍

**ରାଉରକେଲା, ୨।୮(ଦିନେଶ ମିଶ୍ର):** ଟାଙ୍ଗରପାଲି ଥାନା ଅନ୍ତର୍ଗତ ଦେଓଗାଁ ଅଞ୍ଚଳର ଜଣେ ଯୁବକ ବିକାଶ ସମାସୀ(୨୪)ଙ୍କୁ କିଛି ଦୁର୍ବୃତ୍ତ ଆକ୍ରମଣ କରିଛନ୍ତି। ଏହାସହ ଦୁର୍ବୃତ୍ତମାନେ ତାଙ୍କଠାରୁ ୫ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନା ଅନୁସାରେ, ଦେଓଗାଁ ଅଞ୍ଚଳର ବିକାଶ ରାଉରକେଲା ସୁପ୍ରିୟା ଶାଢି ଦୋକାନରେ କାମ କରି ଗୁରୁବାର ରାତି ୧୦ଟାରେ ଘରକୁ ଫେରୁଥିଲେ। ଏହି ସମୟରେ ସାରଣା ଛକ ହେକେଟ୍ ରୋଡ ନିକଟରେ ୨ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ଠେଲାପେଲା କରିଥିଲେ। ବିକାଶ ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ନିସ୍ତୁକ ମାଡ଼ମାରି ୫ ହଜାର ଟଙ୍କା ଦରମା ଟଙ୍କା ଲୁଟି ଫେରାର ହୋଇ ଯାଇଥିଲେ।

### ଟ୍ରେନରେ କଟି ଯୁବକ ମୃତ

**ରାଉରକେଲା, ୨।୮(ଦିନେଶ ମିଶ୍ର):** ବେଦବ୍ୟାସ ରେଲୱେ ବ୍ରିଜ ନିକଟ ରେଳ ଧାରଣା କଡରୁ ରାଉରକେଲା ଜିଆରପି ପୋଲିସ ଜଣେ ଯୁବକଙ୍କ ମୃତଦେହକୁ ଶୁକ୍ରବାର ଉଦ୍ଧାର କରିଛି। ମୃତ ଯୁବକ ହେଲେ ଲାଲୁ ଯାଦବ(୩୨)। ତାଙ୍କ ମୃତଦେହକୁ ଆରଜିଏଚ୍ ମର୍ଗ ହାଉସ୍‌ରେ ରଖିଛି। ଏନେଇ ଜିଆରପି ପୋଲିସ ଏକ ମାମଲା (ନ.୫୦/୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବେଦବ୍ୟାସ ସ୍ଥିତ ଦୟାନଗର ଗୋପପାଲ୍ଲୀ ଅଞ୍ଚଳରେ ଲାଲୁ କ୍ଷୀର ବ୍ୟବସାୟ କରନ୍ତି। ଗୁରୁବାର ରାତିରେ ବେଦବ୍ୟାସ ମନ୍ଦିର ରୋଡ ଅଞ୍ଚଳରେ ଯୁବକ ଜଣଙ୍କ କ୍ଷୀର ବ୍ୟବସାୟ କରି ଘରକୁ ଫେରିବା ପାଇଁ ଓଭରବ୍ରିଜ ନିକଟ ରେଳ ଧାରଣା ଅତିକ୍ରମ କରୁଥିବା ବେଳେ ଅପ୍‌ଲାଇନରେ ଯାଉଥିବା ଏକ ଯାତ୍ରୀବାହୀ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ସକାଳ ହେବାରୁ ଖବର ପାଇ ଜିଆରପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା।

### ଭାଙ୍ଗିଲା ବିଶାଳ ବୃକ୍ଷ, କାର୍ କ୍ଷତିଗ୍ରସ୍ତ



**ରାଉରକେଲା, ୨।୮(ସଙ୍ଗୀତା ଜେନା):** ସେକ୍ଟର-୧୯ ଥାନା ଅନ୍ତର୍ଗତ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ସମ୍ମୁଖରେ ଶୁକ୍ରବାର ଦ୍ୱିପହରରେ ଏକ ବିଶାଳ ବୃକ୍ଷ ଭାଙ୍ଗିଯାଇ କାର୍ (ନଂ.ଓଡ଼ି୧୪କେ/୪୩୫୬) ଉପରେ ପଡ଼ିଯାଇଥିଲା। ସୌଭାଗ୍ୟବଶତଃ ଉକ୍ତ କାର୍‌ରେ ଚାଳକ ସମେତ ୩ ଜଣ ଥିବାବେଳେ ସେମାନେ ଆସନ୍ନ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି। ଘଟଣାସ୍ଥଳରେ ଆର୍‌ଏସ୍‌ପି ଅଗ୍ନିଶମ ବିଭାଗ ଦମକଳ ବାହିନୀ ଉକ୍ତ ବୃକ୍ଷକୁ କାଟି ସଫା କରିଥିଲେ।

### କୃଷ୍ଣନଗର ବସ୍ତିରେ ଡେଙ୍ଗୁ, ମ୍ୟାଲେରିଆ ସଚେତନତା ଶିବିର

**ରାଉରକେଲା, ୨।୮(ଦିନେଶ ମିଶ୍ର):** ରାଉରକେଲା ସହରରେ ଡେଙ୍ଗୁ ଓ ମ୍ୟାଲେରିଆ ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି। ଏହାର ପ୍ରତିହତ ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ମାନ କରାଯାଉଛି। ଏହି କ୍ରମରେ ସ୍ଥାନୀୟ ପରିଚୟ ଅନୁଷ୍ଠାନ ପକ୍ଷରୁ ବାସନ୍ତୀ କଲୋନୀ ସ୍ଥିତ କୃଷ୍ଣନଗର ବସ୍ତିରେ ଶୁକ୍ରବାର ଡେଙ୍ଗୁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ବିରଞ୍ଚି ଦାସ ସଭାପତିତ୍ୱ କରିଥିଲେ। ଶିବିରରେ ଡାକ୍ତର ଗୋପବନ୍ଧୁ ବଳ ଅତିଥି ଭାବେ ଯୋଗଦେଇ ଡେଙ୍ଗୁ ଓ ମ୍ୟାଲେରିଆ ରୋଗର ନିରାକରଣ ଉପରେ ଆଲୋଚନା କରିଥିଲେ। ଏଥିସହ ବସ୍ତି ଭିତରେ ଥିବା ଗର୍ତ୍ତ ସ୍ଥାନରେ ପାଣି ଜମି ନ ରହିବା, କୁଲର ପାଣିଟାଙ୍କି ପାଣିକୁ ସଫା କରିବା ଓ ଅଳିଆ ଆବର୍ଜନାକୁ ଏଣେତେଣେ ନ ପକାଇ ଡଷ୍ଟବିନ୍‌ର ବ୍ୟବହାର କରିବା ଭଳି ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଡେଙ୍ଗୁ ଓ ମ୍ୟାଲେରିଆ ସଚେତନତା ନେଇ ବସ୍ତିରେ ଏକ ରାଲି ଆୟୋଜନ ହୋଇଥିଲା। ଏହି ରାଲିରେ ବସ୍ତିର ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ମହିଳା ଓ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ। ବସ୍ତିର ସୁନନ୍ଦା ବାଗେ, ଲତା କୁଜୁର, ବିମଳା ପ୍ରସାଦ, କ୍ଷେତ୍ରୀଦୀପା ଲୁଗୁନ୍, ମହିମା କେରକେଟ୍ଟା, ଜନସନ୍ କିସପଟ୍ଟା, ଜୁଲିଆ ଓରାମଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ବଢ଼ିଲା ନଦୀ, ଡ୍ୟାମ୍ ଜଳସ୍ତର

**ରାଉରକେଲା, ୨।୮(ବିପ୍ଳବ ରଞ୍ଜନ ଦାଶ)**



କୋଏଲ ନଦୀରେ ପାଣି ଆସିବାରୁ ଅସ୍ଥାୟୀ ବାଉଁଶ ପୋଲ ଭାଙ୍ଗିଯାଇଛି।

ଲଗାଣ ବର୍ଷା ଯୋଗୁ ବ୍ରାହ୍ମଣୀ, କୋଏଲ ଏବଂ ଶଙ୍ଖ ନଦୀ ଜଳସ୍ତର ଆଂଶିକ ବୃଦ୍ଧି ପାଇଛି। ଏଥିସହିତ ରାଉରକେଲା ଜଳସେଚନ ବିଭାଗ ଅଧୀନ ରୁକ୍ରା, ପୀତାମହୁଲ ଓ କାଂଶବାହାଲ ଡ୍ୟାମ୍‌ର ଜଳସ୍ତର କିଛିଦିନ ତଳେ ନିମ୍ନଗାମୀ ହୋଇଯାଇଥିବା ବେଳେ ଲଗାଣ ବର୍ଷା ଯୋଗୁ ବୃଦ୍ଧି ପାଇଛି। ରୁକ୍ରା ଡ୍ୟାମ୍‌ର ଜଳଧାରଣ କ୍ଷମତା ୩.୮୦୦ ହେକ୍ଟର ମିଟର ଥିବା ବେଳେ ମାତ୍ର ବର୍ତ୍ତମାନ ଜଳସ୍ତର ୧୨ପ୍ରତିଶତ ବୃଦ୍ଧି ପାଇଛି। ଅନ୍ୟପଟେ ପୀତାମହୁଲ ଡ୍ୟାମ୍‌ର ଜଳଧାରଣ କ୍ଷମତା ୨୦୧୬.୩୦ ହେକ୍ଟର ମିଟର ଥିବା ବେଳେ ଲଗାଣ ବର୍ଷାରେ ଜଳସ୍ତର ପୂର୍ବାପେକ୍ଷା ୫ପ୍ରତିଶତ ବୃଦ୍ଧି ପାଇଛି। ସେହିପରି କାଂଶବାହାଲ ଡ୍ୟାମ ଜଳଧାରଣ କ୍ଷମତା ୨୮୪୫ ହେକ୍ଟର ମିଟର ଥିବା ବେଳେ ନିଅଣ୍ଟିଆ ବର୍ଷା ଯୋଗୁ ମୁଖ୍ୟ ଗେଟତଳକୁ ଜଳସ୍ତର ଚାଲିଯାଇଥିଲା। ତେବେ ୩ଦିନ ବ୍ୟାପୀ ଲଗାଣ ବର୍ଷାରେ ଡ୍ୟାମ ଜଳସ୍ତର ୬ ପ୍ରତିଶତ ବୃଦ୍ଧି ପାଇଛି। ଫଳରେ ବିରମିତ୍ରପୁର, ବଣେଇ, ଲାଠିକଟା ଏବଂ ବିଶ୍ରା ବ୍ଲକର ଚାଷୀମାନେ ଉପକୃତ ହେବେ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି ।

ଅନ୍ୟପକ୍ଷେ ଜାରି ରହିଥିବା ଲଗାଣ ବର୍ଷା ଯୋଗୁ ଅଞ୍ଚଳର ୧୨ହଜାର ହେକ୍ଟର ଚାଷ ଜମିରେ ପାଣି ମାଡିଛି। କିଛି ଦିନ ବର୍ଷା ଜାରି ରହିଲେ ଡ୍ୟାମ ଜଳସ୍ତର ବୃଦ୍ଧି ଘଟିବା ସହ ସ୍ଥାନୀୟ ଚାଷୀଙ୍କ ଏହା ଅନୁକୂଳ ରହିବ ବୋଲି ଜଳସେଚନ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ବର୍ଷା ଯୋଗୁ ବ୍ରାହ୍ମଣୀ ଓ ଶଙ୍ଖ ନଦୀର ଜଳସ୍ତର ବଢ଼ିବାରେ ଲାଗିଛି। ଫଳରେ ନଦୀକୂଳବର୍ତ୍ତୀ ବାସିନ୍ଦା ଓ ମତ୍ସ୍ୟଜୀବୀମାନଙ୍କୁ ସତର୍କତା ଅବଲମ୍ବନ କରିବା ପାଇଁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଉଛି। ଏଭଳି ବର୍ଷା ଜାରି ରହିଲେ ନଦୀଜଳ କୂଳ ଲଂଘିବ ବୋଲି କୁହାଯାଇଛି।

ଏ ନେଇ ରୁକ୍ରା ଡ୍ୟାମର ନିର୍ବାହୀ ଯନ୍ତ୍ରୀ ୱିଲିୟମ ଏକ୍କା କୁହନ୍ତି, ଲଗାଣ ବର୍ଷାରେ ରୁକ୍ରା ଡ୍ୟାମ୍ ଜଳସ୍ତରରେ ବୃଦ୍ଧି ଘଟିଛି। ପୂର୍ବରୁ ଜଳଧାରଣା କ୍ଷମତାର ଅଧା ଜଳ ଡ୍ୟାମ୍‌ରେ ଥିଲା। ଲଗାଣ ବର୍ଷାରେ ୧୨ପ୍ରତିଶତ ଜଳସ୍ତର ବୃଦ୍ଧି ପାଇବା ସହ ଚାଷୀଙ୍କ ପାଇଁ ଲଗାଣ ବର୍ଷା ବରଦାନ ସଦୃଶ ହୋଇଥିବା ଏକ୍କା କହିଛନ୍ତି। ସେହିପରି କାଂଶବାହାଲ ଡ୍ୟାମ ନିର୍ବାହୀ ଯନ୍ତ୍ରୀ କିସାନ ବାବୁ କହିଛନ୍ତି, ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଡ୍ୟାମ୍‌ର ଜଳସ୍ତର ମୁଖ୍ୟଗେଟର ନିମ୍ନକୁ ହ୍ରାସ ପାଇଥିଲା। ତିନିଦିନ ହେଲା ଜାରି ଲଗାଣ ବର୍ଷାରେ ୫ପ୍ରତିଶତ ଜଳସ୍ତର ବୃଦ୍ଧି ପାଇଛି। ଏଭଳି ଲଗାଣ ବର୍ଷା ଆଉ କିଛି ଦିନ ହେଲେ ଡ୍ୟାମ ଜଳଧାରଣ କ୍ଷମତା ସ୍ୱଚ୍ଛଳ ହେବା ସହିତ ଅଞ୍ଚଳର ଚାଷୀକୁଳ ପାଇଁ ମଧ୍ୟ ବିଶେଷ ସହାୟକ ହେବ ବୋଲି ବାବୁ କହିଥିଲେ।

**୪ ବ୍ଲକର ଚାଷୀକୁଳ ହେବେ ଉପକୃତ**

## ଭ୍ୟାନ୍ ଦେଲା ଆର୍‌ଏସ୍‌ପି, ଯାତାୟାତ କରିବେ ଦିବ୍ୟାଙ୍ଗ ପିଲା



ହୋମ ଏଣ୍ଡ ହୋପ୍ ସ୍କୁଲକୁ ଭ୍ୟାନ ପ୍ରଦାନ କରାଯାଉଛି।

**ରାଉରକେଲା, ୨।୮(ବିପ୍ଳବ ରଞ୍ଜନ ଦାଶ)**

ମାନସିକ ଅନଗ୍ରସର ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ସ୍କୁଲ ହୋମ୍ ଏଣ୍ଡ ହୋପ୍‌କୁ ଆର୍‌ଏସ୍‌ପି ତରଫରୁ ଏକ ଭ୍ୟାନ୍ ପ୍ରଦାନ କରାଯାଇଛି। ଏ ନେଇ ଆର୍‌ଏସ୍‌ପିର କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମାନବ ସମ୍ବଳ ଓ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ହୋମ୍ ଏଣ୍ଡ୍ ହୋପ୍‌ର ଅଧ୍ୟକ୍ଷ ସୁଶ୍ରୀ ପଦ୍ମିନୀ ଦାସଙ୍କୁ ଏହି ଭ୍ୟାନକୁ ହସ୍ତାନ୍ତର କରିଥିଲେ। ଏହି ଅବସରରେ ପ୍ରକଳ୍ପ ଓ ବାଣିଜ୍ୟିକ ବିଭାଗର ସିଜିଏମ୍ ଡ. ଜି.ଏସ୍. ଦାସ, ସିଏସ୍‌ଆର୍ ବିଭାଗର ସିଜିଏମ୍ ସୁଶ୍ରୀ ମୁନ୍‌ମୁନ୍ ମିତ୍ର, ପରିବହନ, ଏଫ୍‌ଏମ୍‌ଏମ୍ ବିଭାଗ ଜିଏମ୍ ଇନ୍‌ଚାର୍ଜ ଅବକାଶ ମଲ୍ଲିକ ଓ ହୋମ୍ ଏଣ୍ଡ ହୋପ୍‌ର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ସିଏସ୍‌ଆର୍ ବିଭାଗର ଜିଏମ୍ ଟି. ବି. ଟପ୍ପୋ ଏବଂ ଏ. ଏନ୍. ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦିବ୍ୟାଙ୍ଗଜନଙ୍କ ସହାୟକ ଉପକରଣ ବିତରଣର ଏକ ଅଂଶ ସ୍ୱରୂପ କର୍ପୋରେଟ ସାମାଜିକ ଦାୟିତ୍ୱ ପ୍ରୟାସ ଅଧୀନରେ ପରିବହନ ବିଭାଗ ଦ୍ୱାରା ୧୬ଲକ୍ଷ ଟଙ୍କା ବ୍ୟୟରେ ଭ୍ୟାନ୍‌ଟିକୁ କ୍ରୟ କରାଯାଇଛି । ଏହି ପ୍ରୟାସ ଆର୍‌ଏସ୍‌ପିର ସାମାଜିକ ପ୍ରତିବଦ୍ଧତାକୁ ଦୋହରାଇଛି। ଏହି ଭ୍ୟାନ ଦିବ୍ୟାଙ୍ଗ ପିଲାମାନଙ୍କ ଜରୁରିକାଳୀନ ଯାତାୟାତ ତଥା ଦୈନିକ ବିଦ୍ୟାଳୟକୁ ନିରାପଦ ଓ ସହଜ ଗମନାଗମନକୁ ସୁନିଶ୍ଚିତ କରିବାରେ ସହାୟକ ହେବ। ଏହା ଦିବ୍ୟାଙ୍ଗ ପିଲାମାନଙ୍କ ଶିକ୍ଷା ତଥା ଅନ୍ୟାନ୍ୟ ଜରୁରିକାଳୀନ ସେବାରେ ସାହାଯ୍ୟ କରିବ ବୋଲି ଆର୍‌ଏସ୍‌ପି ପକ୍ଷରୁ କୁହାଯାଇଛି।




କାର୍ଯ୍ୟକ୍ରମରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ସମ୍ବଲପୁରୀ ଦିନ୍ ଉତ୍ସବ ଉଦ୍‌ଯାପିତ

**ରାଉରକେଲା, ୨।୮(ଦିନେଶ ମିଶ୍ର)**

ସେକ୍ଟର-୧୯ ସ୍ଥିତ ରାଉରକେଲା କ୍ଲବରେ ପଶ୍ଚିମ ଓଡିଶା ସାଂସ୍କୃତିକ ପରିଷଦ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ସମ୍ବଲପୁରୀ ଦିନ୍ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ଅନୁଷ୍ଠାନର ସଭାପତି ସ୍ୱରୁପ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ପ୍ରଥମେ ମା' ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରିଥିଲେ। ଏଥିରେ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଇଞ୍ଜିନିୟର ମନୋଜ ମହାନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ବଲପୁରର ସଂସ୍କୃତି ଓ ଏହି ଦିନର ମହତ୍ତ୍ୱ ଉପରେ ମତପ୍ରକାଶ କରିଥିଲେ। ପରିଷଦର ଉପଦେଷ୍ଟା ଭଗବାନ ପତି, ନରେନ୍ଦ୍ର ତ୍ରିପାଠୀ, ପିତବାସ ପ୍ରଧାନ, ଅଜିତ ପୂଜାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ପରେ ଅନୁଷ୍ଠାନ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଡକ୍ଟର ସୁବୋଧ ମେହେରଙ୍କ ସଂଯୋଜନାରେ ସମ୍ବଲପୁରୀ ଓ ଅତ୍ୟାଧୁନିକ ବେଶପୋଷାକକୁ ନେଇ ର୍‍ୟାମ୍ପ ଶୋ ଆୟୋଜିତ ହୋଇଥିଲା। ସମ୍ବଲପୁରର ଲୋକପ୍ରିୟ ଗୀତ ରଙ୍ଗବତୀ ଗୀତରେ ମଞ୍ଚ ଦୁଲକିଥିଲା। ସାଂସ୍କୃତିକ ସମ୍ପାଦକ ସୂର୍ଯ୍ୟ ପାଢୀ ମଞ୍ଚ ପରିଚାଳନା କରିଥିଲେ। ଶୁଭେନ୍ଦୁ ପଣ୍ଡା, ଅଶୋକ ଭଇଁଶା, କେଶବ ସେଠ, ନିବାସ ଦାଶ, ଉମେଶ ବେହେରାଙ୍କ ସମେତ ପରିଷଦର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ପ୍ରକାଶ ପାଢ଼ି ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳାଙ୍କ ସାହସିକତା, ବାଇକ୍ ଛାଡି ପଳାଇଲେ ଦୁର୍ବୃତ୍ତ

**ରାଉରକେଲା, ୨।୮(ସଙ୍ଗୀତା ଜେନା)**

ସେକ୍ଟର-୩ ଥାନା ଅଧୀନ ସେକ୍ଟର-୧ ହେଲ୍‌ଥ ସେଣ୍ଟର ନିକଟରେ ଗୁରୁବାର ରାତିରେ ଏକ ମୋବାଇଲ ଛିନତାଇ ମାମଲାରେ ମହିଳାଙ୍କ ସାହସିକତା ଯୋଗୁ ଦୁର୍ବୃତ୍ତମାନେ ବାଇକ ଛାଡି ଫେରାର ହୋଇଯାଇଛନ୍ତି। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉକ୍ତ ବାଇକ ଓ ମୋବାଇଲକୁ ଜବତ କରିଛି। ଏ ନେଇ ଏକ ମାମଲା (ନଂ.୧୩୮/୨୪) ରୁଜୁ ହୋଇଛି। ସୂଚନାନୁଯାୟୀ, ସେକ୍ଟର-୧ର ସ୍ମିତା ନାୟକ ରାତିରେ ରାସ୍ତାରେ ଛିଡା ହୋଇ କଥାବାର୍ତ୍ତା କରୁଥିଲେ। ଏହି ସମୟରେ ୨ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ମହିଳାଙ୍କଠାରୁ ମୋବାଇଲ ଛଡ଼ାଇବା ଲାଗି ଉଦ୍ୟମ କରିଥିଲେ। ସ୍ମିତା ସାହସିକତାର ସହ ବିରୋଧ କରିବାରୁ ଦୁର୍ବୃତ୍ତମାନେ ମୋବାଇଲ ଓ ବାଇକ ଛାଡି ଫେରାର ହୋଇଯାଇଥିଲେ। ପରେ ସ୍ମିତା ଥାନାରେ ଏତଲା ଦେଇଥିଲେ।

## ରାସ୍ତାକଡ଼ ଜବରଦଖଲ ଉଚ୍ଛେଦ କଲା ଆର୍‌ଏମ୍‌ସି



ଆର୍‌ଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ଜବରଦଖଲ ଉଚ୍ଛେଦ କରୁଛନ୍ତି।

**ରାଉରକେଲା, ୨।୮(ସଙ୍ଗୀତା ଜେନା)**

ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ଜଗନ୍ନାଥ ମନ୍ଦିର ନିକଟରେ ଥିବା ଉଠାଦୋକାନୀ, ଷ୍ଟଲଗୁଡ଼ିକୁ ଶୁକ୍ରବାର ଉଚ୍ଛେଦ କରାଯାଇଛି। ଆର୍‌ଏମ୍‌ସି ସହାୟକ କମିଶନରଙ୍କ ସହ ଏନ୍‌ଫୋର୍ସମେଣ୍ଟ ଟିମ୍ ଜବରଦଖଲ ଉଚ୍ଛେଦ କରିଥିଲେ। ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଉଠାଦୋକାନୀ, ଷ୍ଟଲ ତଥା ଗୁମୁଟିଗୁଡ଼ିକୁ ଜେସିବି ଦ୍ୱାରା ଉଠାଯାଇଥିଲା। ସୂଚନାଯୋଗ୍ୟ, ମହାନଗର ନିଗମ ପକ୍ଷରୁ ରାଉରକେଲାରେ ଜନସାଧାରଣଙ୍କ ପାଇଁ ଜନଶୁଣାଣି ଆୟୋଜନ ହେଉଛି। ସ୍ଥାନୀୟ ଅଞ୍ଚଳର ଡ୍ରେନ, ଜବରଦଖଲ, ବାସଗୃହ, ପାନୀୟ ଜଳ ସମସ୍ୟା, ରାସ୍ତାଘାଟ ସମ୍ପର୍କିତ ଅଭିଯୋଗ ଏଥିରେ କରାଯାଉଛି। ଏହି ଜନଶୁଣାଣିରେ ଜବରଦଖଲ ଅଭିଯୋଗକୁ ଆଧାର କରି ଉଚ୍ଛେଦ ପ୍ରକ୍ରିୟା ଜାରି ରହିଥିବା ଆର୍‌ଏମ୍‌ସି ପକ୍ଷରୁ ସୂଚନା ମିଳିଛି।

## ବ୍ରଜରାଜନଗରରେ ରହିଯାଇଥିବା ୩୭ ଯାତ୍ରୀଙ୍କୁ ରେଲୱେର ସହାୟତା

**ରାଉରକେଲା, ୨।୮(ସଙ୍ଗୀତା ଜେନା)**



ରାଉରକେଲା ଷ୍ଟେଶନରେ ରେଳବାଇ କର୍ତ୍ତୃପକ୍ଷ ଯାତ୍ରୀଙ୍କୁ ସହାୟତା କରୁଛନ୍ତି।

ହାୱଡ଼ା ଓ ମୁମ୍ବାଇ ରେଳମାର୍ଗରେ ଗତ ମଙ୍ଗଳବାର ବିଶାଳ ରେଳ ଦୁର୍ଘଟଣା ହୋଇଥିଲା। ଉକ୍ତ ଦୁର୍ଘଟଣାର ପ୍ରାୟ ୬୦ ଘଣ୍ଟା ପରେ ୩ଟି ରେଳ ଲାଇନ୍‌କୁ ଖୋଲି ଦିଆଯାଇଛି। ଫଳରେ ବର୍ତ୍ତମାନ ରେଳ ଚଳାଚଳ ସ୍ୱାଭାବିକ ହୋଇଛି। ତେବେ କିଛି ଟ୍ରେନ ବିଳମ୍ବରେ ଚାଲୁଥିବା ବେଳେ ଆଉ କିଛି ଟ୍ରେନର ରୁଟ୍ ପରିବର୍ତ୍ତନ କରାଯାଇଛି। ସେହି କ୍ରମରେ ଗୁରୁବାର ବିଳମ୍ବିତ ରାତିରେ ରାୟଗଡ଼ାରୁ ଆସୁଥିବା ଉତ୍କଳ ଏକ୍ସପ୍ରେସ ଟ୍ରେନ୍ ବାତିଲ ହେବାରୁ ବ୍ରଜରାଜନଗରଠାରେ ପ୍ରାୟ ୩୭ ଜଣ ଯାତ୍ରୀ ରହିଯାଇଥିଲେ। ଉକ୍ତ ଯାତ୍ରୀମାନେ ରାଉରକେଲା ଭାୟା ଟାଟା ଯିବା ଲାଗି ଉତ୍କଳ ଏକ୍ସପ୍ରେସରେ ଯାତ୍ରା କରୁଥିଲେ। ତାହା ବାତିଲ ହେବା ଯୋଗୁ ସେମାନେ ନିରାଶ ହୋଇପଡିଥିଲେ। ସେଠାକାର ରେଳବାଇ ସହାୟତାରେ ଉକ୍ତ ଯାତ୍ରୀମାନଙ୍କୁ ବସ୍ ଯୋଗେ ରାଉରକେଲା ଅଣାଯାଇ ନିଃଶୁଳ୍କ ସାଉଥ୍ ବିହାର ଏକ୍ସପ୍ରେସରେ ଟାଟାନଗର ଯିବା ବ୍ୟବସ୍ଥା କରାଯାଇଥିଲା। ଯାତ୍ରୀମାନଙ୍କ ପାଇଁ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ରାଉରକେଲା ଷ୍ଟେଶନର ମୁଖ୍ୟ ବାଣିଜ୍ୟକ ଅଧିକାରୀ ଅତୁଲ ଘୋଷଙ୍କ ନେତୃତ୍ୱରେ ଏକ ଟିମ୍ ଯାତ୍ରୀଙ୍କ ସହାୟତାରେ ନିୟୋଜିତ ହୋଇଥିଲେ।

## ସାପ କାମୁଡା ହ୍ରାସ ସଚେତନତା କାର୍ଯ୍ୟକ୍ରମ

**ସୁନ୍ଦରଗଡ, ୨।୮(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ସାପ କାମୁଡା ହ୍ରାସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଇନ୍ଦିରା ଗଡନାୟକ ସଭାପତିତ୍ୱ କରି ସାପ କାମୁଡିଲା ପରେ କିପରି ସମୟ ନଷ୍ଟ ନ କରି ତୁରନ୍ତ ଚିକିତ୍ସା କରିବେ ସେ ସମ୍ପର୍କରେ ଛାତ୍ରୀଙ୍କୁ ସଚେତନ କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ସୁନୀଲ ଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଅଜିତ କୁମାର ସାହୁ ଯୋଗଦେଇ ଗୁଣି ଗାରେଡି ଓ ଝଡା ଫୁଙ୍କା ଆଦି ଅନ୍ଧ ବିଶ୍ୱାସରୁ ଦୂରେଇ ରହି ସାପ କାମୁଡି ଥିବା ବ୍ୟକ୍ତିଙ୍କୁ ତୁରନ୍ତ ଚିକିତ୍ସା କେନ୍ଦ୍ରକୁ ନେବାକୁ ପରାମର୍ଶ ଦେଇଥିଲେ। ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ସ୍ୱରୂପ ରଞ୍ଜନ ପଲେଇ ଧନ୍ୟବାଦ ଦେଇଥିଲେ।

## ବଡ଼ଗାଁ ହାଇସ୍କୁଲରେ ବିଶ୍ୱ ସ୍କାଉଟ ସ୍କାର୍ଫ ଦିବସ



ସ୍କାଉଟ ଗାଇଡ ଛାତ୍ରୀଛାତ୍ରଙ୍କ ସହିତ ଅତିଥିଙ୍କ ପରିଚୟ ପ୍ରଦାନ।

**ବଡ଼ଗାଁ, ୨।୮(ଅଶୋକ ଷଡ଼ଙ୍ଗୀ)**

ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ ଓ ଗାଇଡ ପକ୍ଷରୁ ଗୁରୁବାର ବିଶ୍ୱ ସ୍କାଉଟ ସ୍କାର୍ଫ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନୂତନ ଭାବେ ଯୋଗ ଦେଇଥିବା ୨୪ ସ୍କାଉଟ ଓ ୩୦ ଗାଇଡଙ୍କୁ ନେଇ ଦୀକ୍ଷା ଗ୍ରହଣ ଉତ୍ସବ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲା ଭାରତ ସ୍କାଉଟ ଏବଂ ଗାଇଡର ଯୁଗ୍ମ ସମ୍ପାଦକ ଦୁବରାଜ ଗୋଖରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ହେବାକୁ କହିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇଥିବା ସ୍କୁଲ ପରିଚାଳନା କମିଟିର ସଭାପତି ଅଦୈତ କୁମାର୍ ନାୟକ, ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ଲାକ୍ରା ସ୍କାଉଟ ଓ ଗାଇଡମାନଙ୍କୁ ସେବା ମନୋଭାବ ଜାଗ୍ରତ କରି ସମାଜ ଓ ଦେଶ ପାଇଁ ସେବା ପ୍ରଦାନ କରିବାକୁ ଉପଦେଶ ଦେଇଥିଲେ। ସ୍କାଉଟ ଗାଇଡର ଜିଲା ତାଲିମ କମିଶନର ଜନସନ ଖାଖା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଗାଇଡ କ୍ୟାପଟେନ ସର୍ଣ୍ଣଲତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ ଓ ଗାଇଡ ଛାତ୍ରୀଛାତ୍ର ଜିଲା ସ୍ତରୀୟ ବେଷ୍ଟ କମ୍ପୋରି ରାଜ୍ୟ ପୁରସ୍କାର ପାଇଥିଲେ। ହାଇସ୍କୁଲର ୧୨ଜଣ ସ୍କାଉଟ ଓ ୧୨ ଗାଇଡ ଛାତ୍ରୀଛାତ୍ର ରାଜ୍ୟ ପୁରସ୍କାର ପାଇଥିଲେ। ବଡ଼ଗାଁ ହାଇସ୍କୁଲର ସ୍କାଉଟ ମାଷ୍ଟର ଜନସନ ଖାଖା ୨୦୨୩ରେ ସର୍ଭିସ ଷ୍ଟାର ଆୱାର୍ଡ ପାଇଥିଲେ।

## ମାଇନିଂ ଷ୍ଟାଫ କଲୋନୀରେ ଚୋରି

**ବଣାଇ, ୨।୮(ପ୍ରଦୀପ ତ୍ରିପାଠୀ)**

ବଣାଇଁଠାରେ ଥିବା ସୁରେନ୍ଦ୍ର ମାଇନିଂ କମ୍ପାନୀର ଷ୍ଟାଫ କ୍ୱାର୍ଟର କଲୋନୀରୁ ଗୁରୁବାର ରାତିରେ ଚୋରି ହୋଇଛି। ପାଖାପାଖି ୪ଟି କ୍ୱାର୍ଟରର ତାଲା ଭାଙ୍ଗି ଦୁର୍ବୃତ୍ତ ୨ଟି ଘରୁ ଚୋରି କରିଥିଲେ। ଅନ୍ୟ ୨ଟି ଘରେ କିଛି ନ ଥିବାରୁ ଚୋରି ହୋଇପାରି ନଥିବା ଜଣାପଡିଛି। ପ୍ରକାଶଯେ, ଗୁରୁବାର ବିଳମ୍ବିତ ରାତିରେ ଏସଏନ ମହାନ୍ତି କଲୋନୀରେ ରହୁଥିବା ସଂଗ୍ରାମ ସାହୁ ଓ ଆଶୁତୋଷ ପ୍ରଧାନଙ୍କ ସମେତ ୪ଟି କ୍ୱାର୍ଟରେ ରହୁଥିବା ଷ୍ଟାଫ ଛୁଟିରେ ଘରକୁ ଯାଇଥିବା ସମୟରେ ଏହାର ସୁଯୋଗ ନେଇ ଚୋର ୨ଟି ଘରୁ ସୁନା ଗହଣା ଚୋରି କରିଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପୋଲିସ ବଣାଇଁ ଥାନାରେ ଏକ ମାମଲା ନଂ. ୧୫୨/୨୪ ରୁଜୁକରି ତଦନ୍ତ ଜାରି ରଖିଛି। ପୋଲିସ ରାଉରକେଲାରୁ ସାଇଣ୍ଟିଫିକ ଟିମ ସହଯୋଗରେ ତଦନ୍ତ ଜାରି ରଖିଥିବା ବେଳେ ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗକାରୀ ଦାବି କରିଛନ୍ତି।

## କର୍ମଶାଳାରେ ଅଂଶ ଗ୍ରହଣ କଲେ ୬୫ ସ୍ୱାସ୍ଥ୍ୟକର୍ମୀ

**କୁଆଁରମୁଣ୍ଡା, ୨।୮(ମହେନ୍ଦ୍ର କୁମାର ସାହୁ)**



କୁଆଁରମୁଣ୍ଡା ସିଏଚସିରେ ଅନୁଷ୍ଠିତ ଜିଲାସ୍ତରୀୟ ସଚେତନତା କର୍ମଶାଳାରେ ଉପସ୍ଥିତ ମାଷ୍ଟର ଟ୍ରେନର।

ସୁନ୍ଦରଗଡ଼ ଜିଲାସ୍ତରୀୟ ଡେଙ୍ଗୁ, ମ୍ୟାଲେରିଆ ଓ ଜାପାନିଜ ଏନ୍‌ସେଫାଲାଇଟିସ ସଚେତନତା କର୍ମଶାଳା କୁଆଁରମୁଣ୍ଡା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ୩ ଦିନିଆ ଏହି କର୍ମଶାଳାକୁ ଭେକ୍ଟର ବର୍ନ ଡିଜିଜ୍ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡ. ପ୍ରଭାକର ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କୁଆଁରମୁଣ୍ଡା ସିଏଚ୍‌ସି ଅଧ୍ୟକ୍ଷ ଡ. ଶ୍ରୀମନ୍ତ ପଟ୍ଟନାୟକ, ଡ. ଦୁଃଖିଆ ମୁର୍ମୁ, ଡ. ମନୋଜ ମହାପାତ୍ର ଓ ଅନ୍ୟମାନେ ଯୋଗଦେଇଥିଲେ। ସୁନ୍ଦରଗଡ ଜିଲାରେ ଡେଙ୍ଗୁ, ମ୍ୟାଲେରିଆ ଓ ଜାପାନିଜ ଏନ୍‌ସେଫାଲାଇଟିସ ରୋଗକୁ କିଭଳି ନିବାରଣ କରାଯାଇପାରିବ ସେ ନେଇ ବିଭିନ୍ନ ପ୍ରକାରର ଟିପ୍ସ ଦେଇଥିଲେ। ଏହି କର୍ମଶାଳାରେ ଜିଲାର ୧୬ଟି ସିଏଚ୍‌ସିରୁ ୬୫ ସ୍ୱାସ୍ଥ୍ୟକର୍ମୀ ଆସି ଯୋଗଦେଇ ତାଲିମ ଗ୍ରହଣ କରୁଛନ୍ତି। ଏହି କର୍ମଶାଳା ଶନିବାର ଉଦ୍‌ଯାପିତ ହେବ ବୋଲି ଜଣାପଡିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଏନ୍‌ଏଲଡବ୍ଲ୍ୟୁ ଦେବାଶିଷ ସାହୁ ଓ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।

## ବ୍ରହ୍ମାକୁମାରୀ ଆଶ୍ରମରେ ସ୍ୱାଗତ ସମ୍ବର୍ଦ୍ଧନା

**ବଣାଇଁ, ୨।୮(ପ୍ରଦୀପ ତ୍ରିପାଠୀ):** ବଣାଇଁ ରଥ ଛକରେ ଥିବା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ତରଫରୁ ଏକ ସମ୍ବର୍ଦ୍ଧନା ଉତ୍ସବ ବ୍ରହ୍ମାକୁମାରୀ ପ୍ରଭାତୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମାଜିକ କର୍ମୀ ତଥା ବିଜେଡି ଯୁବ ସଂଗଠନ ସଭାପତି ସୁରଜ ସେଠଙ୍କୁ ସ୍ୱାଗତ କରି ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ସୁରଜ ସେଠଙ୍କ ସମାଜସେବା କ୍ଷେତ୍ରରେ ଅନେକ ଅବଦାନ ରହିଛି ସେଥି ମଧ୍ୟରୁ ରକ୍ତଦାନ କରିବା ତାଙ୍କର ବଳିଷ୍ଠ ପଦକ୍ଷେପ। ବଣାଇଁ ଅଞ୍ଚଳରେ ରୋଗୀକୁ ରକ୍ତ ଦରକାର ପଡିଲେ ସାଙ୍ଗେ ସାଙ୍ଗେ ଯାଇ ପହଞ୍ଚି ଯାଆନ୍ତି ଚିକିତ୍ସାଳୟରେ ବୋଲି ବିକେ ପ୍ରଭାତୀ ପ୍ରକାଶ କରିଛନ୍ତି। ତାଙ୍କର ଏହି ଅବଦାନ ପାଇଁ ତାଙ୍କୁ ବ୍ରହ୍ମାକୁମାରୀ ଆଶ୍ରମ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜ୍ଞାନ ଯୋଗ ଶିକ୍ଷା ଗ୍ରହଣ କରୁଥିବା ବ୍ରହ୍ମାକୁମାରୀ ଓ ବ୍ରହ୍ମକୁମାରମାନେ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ବନ୍ଧୁକ ମୁନରେ ନାବାଳକଙ୍କଠାରୁ ଟଙ୍କା, ମୋବାଇଲ୍ ଲୁଟ୍ ଅଭିଯୋଗରେ ୬ ଗିରଫ

ସମ୍ବଲପୁର,୨।୮ (ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରର ଡାଇକ୍ ରାସ୍ତାରେ ଜଣେ ନାବାଳକଙ୍କ ଠାରୁ ବନ୍ଧୁକ ମୁନରେ ମୋବାଇଲ୍ ଫୋନ ଓ ଟଙ୍କା ଲୁଟ୍ ଅଭିଯୋଗରେ ହୀରାକୁଦ ପୋଲିସ ଶୁକ୍ରବାର ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ହୀରାକୁଦ ଟାଙ୍କିପଡ଼ା ଅଞ୍ଚଳର ପ୍ରମୋଦ ବିଶ୍ୱାଳ, ରତ୍ନାକର ବିଶ୍ୱାଳ, ସୁଧୀର ପାଣ୍ଡେ, ଗୁରୁଦ୍ୱାରାପଡ଼ାର ବିକାଶ ବେହେରା, ଦୁଃଖିଶ୍ୟାମ ଗର୍ଡିଆ ଏବଂ ହୀରାକୁଦ ଆଇଡିସି ଅଞ୍ଚଳର ସଞ୍ଜିବ ମୁଖି ବୋଲି ଜଣାପଡ଼ିଛି। ସେମାନଙ୍କ ନିକଟରୁ ଗୋଟିଏ ରିଭଲଭର, ଗୋଟିଏ ଏୟାରଗନ ପିସ୍ତଲ, ତିନୋଟି ମୋବାଇଲ୍ ଫୋନ, ଗୋଟିଏ ଛୁରି ଓ ନଗଦ ଟଙ୍କା ଜବତ କରାଯାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଉଥିବା ବେଳେ ଏହାକୁ ଦେଖିବା ପାଇଁ ହୀରାକୁଦର ଜଣେ ନାବାଳକ ଏକାକୀ ଡାଇକ୍ ରାସ୍ତାରେ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତମାନେ ତାଙ୍କ ବାଟ ଓଗାଳି ବନ୍ଧୁକ ମୁନରେ ଭୟଭୀତ କରି ତାଙ୍କ ଠାରୁ ସେ ଧରିଥିବା ମୋବାଇଲ ଫୋନ ଓ ନଗଦ ୬୫୦ ଟଙ୍କା ଲୁଟି ନେଇଥିଲେ। ନାବାଳକ ଜଣକ ସେଠାରୁ ଫେରି ହୀରାକୁଦ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ହୀରାକୁଦ ଥାନାରେ ଏକ ମାମଲା (ନଂ.୨୧୫/୨୦୨୪) ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ପୋଲିସ ଶୁକ୍ରବାର ସମସ୍ତ ଅଭିଯୁକ୍ତଙ୍କୁ ହୀରାକୁଦରୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପକ୍ଷରୁ ଆନ୍ତଃବିଭାଗୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ସମ୍ବଲପୁର,୨।୮ (ବି.ଶଙ୍କର)

ଜେଏସ୍‌ଡବ୍ଲ୍ୟୁ ବିପିଏସଏଲ ପକ୍ଷରୁ ଆନ୍ତଃବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ସମ୍ବଲପୁର ଜିଲା ଠେଲକୋଲୋଇ ସ୍ଥିତ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଜେଏସଡବ୍ଲ୍ୟୁ ବିପିଏସଏଲ ସଭାପତି ଅନୀଲ କୁମାର ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜେଏସ୍‌ଡବ୍ଲ୍ୟୁ ରାୟଗଡ ବନାମ ଜେଏସଡବ୍ଲ୍ୟୁ ପାରାଦୀପ ମଧ୍ୟରେ ଉଦଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସିଓଓ ଉମେଶ ରାୟ, ସିନିୟର ଭିପି ପ୍ରକାଶ ସପା, ଗିରିଶ ନାୟକ, ମାନବ ସମ୍ବଳ ମୁଖ୍ୟ ଜେ ପିସିଂ, ଭିପି ବିକାଶ ଜୈନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଚଳିତ ମାସ ୧୫ ତାରିଖ ହେବାକୁ ସ୍ଥିର ହୋଇଛି ।କ

### କବାଟ ଭାଙ୍ଗି ମୋବାଇଲ, ଟଙ୍କା ଚୋରି: ଅଭିଯୁକ୍ତ ଗିରଫ



କୁଚିଣ୍ଡା,୨।୮ (ବିରଞ୍ଚି ଦର୍ଚ୍ଚା)

ସମ୍ବଲପୁର ଜିଲା ମହୁଲପାଲି ଥାନା କେଶାଇବାହାଲର ସିଦ୍ଧେଶ୍ୱର ପଣ୍ଡାଙ୍କ ଘର କବାଟ ଭାଙ୍ଗି ୪ଟି ମୋବାଇଲ ଫୋନ ସହ ନଗଦ ୨୩ଶହ ଟଙ୍କା ଚୋରି ହୋଇଥିଲା। ପଣ୍ଡା ଏନେଇ ମହୁଲପାଲି ଥାନାରେ ରିପୋର୍ଟ କରିଥିଲେ। ପୋଲିସ ଏକ ମାମଲା (ନଂ.୧୩୦/୨୦୨୪)ରୁଜୁ କରି ସର୍ଗିଡିହି ଗିର୍ଜାପଡା ଗ୍ରାମର ଅଭିଯୁକ୍ତ ନୂଆଲ ଜମାର୍ତ୍ତାଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ,ଗତ ୩୧ ତାରିଖ ରାତି ପ୍ରାୟ ୩ଟାରେ କେଶାଇବାହାଲର ସିଦ୍ଧେଶ୍ୱର ପଣ୍ଡାଙ୍କ ଘର ପଛପଟ କବାଟ ଭାଙ୍ଗି ୪ଟି ମୋବାଇଲ ସେଟ ଓ ନଗଦ ୨୩ଶହ ଟଙ୍କା ଚୋରି ହୋଇଥିଲା।

# ଗୁରୁ ସତ୍ୟନାରାୟଣଙ୍କ ଆବାସକୁ ସ୍ମୃତିପୀଠ କର

ସମ୍ବଲପୁର,୨।୮ (ପ୍ରମୋଦ ବହିଦାର)



ସମ୍ବଲପୁରୀ ଦିନ୍ ଉପଲକ୍ଷେ 'ନିକଅପା କୁଟୀର' ସମ୍ମୁଖରେ ଆୟୋଜିତ ସଭା।

ଯୁଗଜନ୍ମା ସମ୍ବଲପୁରୀ କବି ଗୁରୁ ସତ୍ୟନାରାୟଣ ବହିଦାରଙ୍କ ସମ୍ବଲପୁରଠାରେ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବା ଆବାସ 'ନିକଅପା କୁଟୀର'କୁ ପୁନରୁଦ୍ଧାର କରି ଏହାକୁ ତାଙ୍କ ନାମରେ ସ୍ମୃତି ପାଠାଗାର ଓ ସମ୍ବଲପୁରୀ ଭାଷା-ସାହିତ୍ୟ ଗବେଷଣା କେନ୍ଦ୍ରରେ ରୂପାନ୍ତରିତ କରିବାକୁ ସମ୍ବଲପୁରର ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି।

ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ଅବସରରେ ଅଗଷ୍ଟ ୧ ତାରିଖ ପୂର୍ବାହ୍ନରେ ତାଙ୍କର ରାମଜୀଗୁଡ଼ି ନିକଟସ୍ଥ ଆବାସ 'ନିକଅପା କୁଟୀର' ସମ୍ମୁଖରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭାମାନ ଅନୁଷ୍ଠିତ ହୋଇଥିଲା। ସାରସ୍ୱତ ସାଧକ ସତ୍ୟନାରାୟଣ ଠାକୁରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସତ୍ୟନାରାୟଣ ବହିଦାର ସମ୍ବଲପୁରୀ ସାହିତ୍ୟ ସାଧନା କରିଥିବା ସମ୍ବଲପୁରସ୍ଥିତ ବାସଗୃହର ଜୀର୍ଣ୍ଣୋଦ୍ଧାର ହୋଇପାରି ନ ଥିବାରୁ କ୍ଷୋଭ ପ୍ରକଟ କରା ଯାଇଥିଲା। ତେବେ ଏ ଦିଗରେ ବର୍ତ୍ତମାନର ରାଜ୍ୟରେ କ୍ଷମତାସୀନ ନୂତନ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏଥିପାଇଁ ବିଶିଷ୍ଟ ଐତିହାସିକ ଦୀପକ କୁମାର ପଣ୍ଡା ଓ ସତ୍ୟନାରାୟଣ ଠାକୁରଙ୍କ ଆବାହକତ୍ୱରେ ଏକ କମିଟି ଗଠନ କରାଯାଇଛି। ରାଜ୍ୟ ସରକାର ତ୍ୱରିତ ଏଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ସଭାରେ ଆଶା ପ୍ରକଟ କରାଯାଇଛି। ସେହିପରି ସମ୍ବଲପୁରୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ଓ ରାଜ୍ୟର ଦ୍ୱିତୀୟ ଭାଷାର ମାନ୍ୟତା ଦେବା ପାଇଁ ଦାବି ମଧ୍ୟ କରାଯାଇଛି।

ସତ୍ୟନାରାୟଣ ବହିଦାର ଗ୍ରନ୍ଥାବଳୀର ପୁନଃ ମୁଦ୍ରଣ ପାଇଁ ଓଡ଼ିଶା ସାଂସ୍କୃତିକ ସମାଜ ପଦକ୍ଷେପ ନେଇଥିବାରୁ ସଭାରେ ସାଧୁବାଦ ଜ୍ଞାପନ କରାଯାଇଛି। ଏହା ସହିତ ଏଥିପାଇଁ ଆବଶ୍ୟକ ଆର୍ଥିକ ସହାୟତା ପାଇଁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ସତ୍ୟନାରାୟଣ ବହିଦାର ଜୟନ୍ତୀ ଅବସରରେ ବିଭିନ୍ନ ସ୍ଥାନରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳନ ହୋଇଥିବା 'ସମ୍ବଲପୁରୀ ଦିନ୍' ସକାଶେ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଏହି ଅବସରରେ ଶୁଭେଚ୍ଛା ବାର୍ତ୍ତା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ସେହିପରି ଶୁଭେଚ୍ଛା ବାର୍ତ୍ତାରେ ସମ୍ବଲପୁରୀ ବସ୍ତ୍ର ସମ୍ପର୍କରେ ଉଲ୍ଲେଖ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ଅଶେଷ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଓଡ଼ିଶା ସାଂସ୍କୃତିକ ସମାଜର ସଭାପତି ଡ. ପରେଶ ଚନ୍ଦ୍ର ଦାନୀ, ସମ୍ପାଦକ ଦୀନବନ୍ଧୁ ପଣ୍ଡା, ହୀରାଖଣ୍ଡ ସାମ୍ମୁଖ୍ୟର ସଭାପତି ରାମାନୁଜ ପଣ୍ଡା, ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦର ପ୍ରଶାନ୍ତ ପାଇଯୋଷୀ, ପ୍ରଫୁଲ୍ଲ ହୋତା, ଜୁହାର ପରିବାରର ପ୍ରଫୁଲ୍ଲ ଦାଶ, ପଶ୍ଚିମାଞ୍ଚଳ ଏକତା ମଞ୍ଚର ପଙ୍କଜିନୀ ମେହେର, ସିଦ୍ଧେଶ୍ୱରୀ ଧର୍ମ ସଂସଦର ଗୋପୀନାଥ ଷଡ଼ଙ୍ଗୀ, ନାଟ୍ୟକଳା ପରିଷଦର ଅଶୋକ ମିଶ୍ର, ସୃଜନୀର ଦୀପକ କୁମାର ପଣ୍ଡା, ବୋଧରାମ ଦାଶ, ସୁରେଖା ସାହୁ, ସ୍ଥାନୀୟ ମହିଳା ସଙ୍ଗଠନର ଜାମିନୀ ଠାକୁର, ପୂର୍ବତନ କାଉନସିଲର ସୁଶାନ୍ତ ପୁରୋହିତ, ଲଳିତ ମୋହନ ବେବର୍ତ୍ତା ପ୍ରମୁଖ ଉକ୍ତ ସଭାରେ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ।

## ସମ୍ବଲପୁର ଜିଲ୍ଲାରେ ପହଞ୍ଚିଲା କୌଶଳ ରଥ

ସମ୍ବଲପୁର,୨।୮ (ପ୍ରମୋଦ ବହିଦାର)

ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ବିଭାଗ ପକ୍ଷରୁ ରାଜ୍ୟ ପରିକ୍ରମାରେ ବାହାରିଥିବା କୌଶଳ ରଥ ଜୁଲାଇ ୩୧ ତାରିଖ ସନ୍ଧ୍ୟାରେ ସମ୍ବଲପୁର ଜିଲାରେ ପ୍ରବେଶ କରିଥିଲା। ଏହି ରଥ ସମ୍ବଲପୁର ଜିଲାରେ ୪ ଦିନ ଧରି ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି। ସମଗ୍ର ଅନୁଗୁଳ ଜିଲା ପରିକ୍ରମା କରି ସାରିବା ପରେ ରଥଟି ଜୁଲାଇ ୩୧ ତାରିଖରେ ସମ୍ବଲପୁର ଜିଲାର ରେଢ଼ାଖୋଲ ପହଞ୍ଚି ସେଠାରେ କିଛି ସମୟ ରହଣି କରିଥିଲା। ଉକ୍ତଦିନ କୌଶଳ ରଥର ରେଢ଼ାଖୋଲ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ପରିକ୍ରମା ଶୁଭାରମ୍ଭ ହୋଇଥିଲା। ଉପଜିଲାପାଳ ରଶ୍ମିରଂଜନ ମହନ୍ତ ସବୁଜ ପତାକା ଦେଖେଇ ଜିଲାରେ କୌଶଳ ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ସର୍ବ ପ୍ରଥମେ ଶୁଣ୍ଠିମୁଣ୍ଡା ସ୍ଥିତ ସରକାରୀ ଏସଏସଡ଼ି ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିକ୍ରମା କରିବା ପରେ ରେଢ଼ାଖୋଲସ୍ଥିତ ଭୀମ ଭୋଇ ମହାବିଦ୍ୟାଳୟ, ସରକାରୀ ଏସଏସଡ଼ି ହାଇସ୍କୁଲ ମୋଚିବାହାଲ, ଫୁଲଝରଣ ସ୍ଥିତ ଫୁଲଝରଣ କଲେଜ ଓ କେଜିଏମଏନ ହାଇସ୍କୁଲ ପରିକ୍ରମା କରି ସରକାରୀ ଆଇଟିଆଇ ରସନପୁରରେ ରହଣି କରିଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଡ୍ରୋନ ଟେକ୍ନୋଲୋଜି, ଥ୍ରୀଡ଼ି ପ୍ରିଣ୍ଟିଂ, ରୋବୋଟିକ ବିଦ୍ୟା ସମ୍ପର୍କରେ ପଶିକ୍ଷଣ ଦିଆଯାଇଥିଲା। ଏହି ରଥ ଅଗଷ୍ଟ ୧ ତାରିଖ ଦିନ ସରକାରୀ ଏସଏସଡ଼ି ହାଇସ୍କୁଲ ଷଣ୍ଢପଥର, ସରକାରୀ ଏସଏସଡ଼ି ହାଇସ୍କୁଲ ଭୋଜପୁର, ଏକଲବ୍ୟ ମଡେଲ ସ୍କୁଲ କୁଚିଣ୍ଡା, ସରକାରୀ ଏସଏସଡ଼ି ବାଳିକା ଉଚ୍ଚ ମାଧ୍ୟମିକ ସ୍କୁଲ ଅର୍ଡାବାହାଲ ପରିକ୍ରମା କରି କୁଚିଣ୍ଡା ଅର୍ଡାବାହାଲସ୍ଥିତ ଦକ୍ଷତା ବିକାଶ କେନ୍ଦ୍ରରେ ରହଣି କରି ଥିଲା। ଅଗଷ୍ଟ ୨ ତାରିଖରେ କୌଶଳ ରଥ କେସେଇବାହାଲସ୍ଥିତ ପ୍ରଭୁ ଦୟାଲ ରୁରାଲ କଲେଜ, ଟ୍ରଷ୍ଟଫଣ୍ଡ କଲେଜ ବାମରା,ଏସଏସଡ଼ି ସରକାରୀ ହାଇସ୍କୁଲ ଟାଙ୍ଗରମୁଣ୍ଡା, ସରକାରୀ ହାଇସ୍କୁଲ ପରମାଣପୁର ପରିକ୍ରମା କରି ସରକାରୀ ଆଇଟିଆଇ ହୀରାକୁଦରେ ରହଣି କରିଛି। ଅଗଷ୍ଟ ୩ ତଥା ଅନ୍ତିମ ଦିବସରେ କୌଶଳ ରଥଟି କଳାମାଟିସ୍ଥିତି ଟ୍ରେନିଂ ସେଣ୍ଟର, ବୁର୍ଲା ଆରଏସଇଟିଆଇ ଟ୍ରେନିଂ ସେଣ୍ଟର, ଜିଲ୍ଲାସ୍କୁଲ ସମ୍ବଲପୁର, ସରକାରୀ ମହିଳା ମହାବିଦ୍ୟାଳୟ ସମ୍ବଲପୁର, ସରକାରୀ ପଲିଟେକନିକ ରେଙ୍ଗାଲି, ସରକାରୀ ହାଇସ୍କୁଲ ରେଙ୍ଗାଲି ଓ ସୁରଜମାଲ କଲେଜ ପରିକ୍ରମା କରି ଝାରସୁଗୁଡା ଜିଲା ଅଭିମୁଖେ ଯାତ୍ରା କରିବ। ଛାତ୍ରୀଛାତ୍ରଙ୍କୁ ବୈଷୟିକ ଓ ପ୍ରଯୁକ୍ତି ଶିକ୍ଷା ପ୍ରତି ଆକୃଷ୍ଟ କରିବା ଲକ୍ଷ୍ୟରେ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ଅତ୍ୟାଧୁନିକ ଓ ନିଯୁକ୍ତି ଭିତ୍ତିକ ତାଲିମ ସମ୍ପର୍କରେ ଅବଗତ କରିବା ଏହି କୌଶଳ ରଥ ପରିକ୍ରମାର ଉଦ୍ଦେଶ୍ୟ। ସୂଚନାଯୋଗ୍ୟ ଯେ, ଗତ ଜୁଲାଇ ୧୫ ତାରିଖରେ ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୌଶଳ ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ।

## ସ୍ୱାଧୀନତା ଦିବସ ଉପଲକ୍ଷେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା



ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ସାମିଲ ଛାତ୍ରୀଛାତ୍ରମାନେ।

ଦେବଗଡ଼,୨।୮ (ଶଶାଙ୍କ ଶେଖର ଝାଙ୍କର)

ଜିଲା ପ୍ରଶାସନ ପକ୍ଷରୁ ସ୍ୱାଧୀନତା ଦିବସ ଉପଲକ୍ଷେ ବାଳକ ପ୍ରାଥମିକ ବିଦ୍ୟାଳୟ ଓ ମନ୍ଦାକିନୀ ବାଳିକା ଉନ୍ନିତ ବିଦ୍ୟାଳୟଠାରେ ଓଡିଆ ବକ୍ତୃତା ପ୍ରତିଯୋଗୀତା ଆୟୋଜିତ ହୋଇଯାଇଛି। କୃତୀ ପ୍ରତିଯୋଗୀ ସ୍ୱାଧୀନତା ଦିବସ ପାରେଡ଼ ପଡିଆରୁ ପୁରସ୍କାର ଗ୍ରହଣ କରିବେ। ଏଥିରେ ୪ଟି ଗ୍ରୁପ ଯଥା ପ୍ରାଥମିକସ୍ତର, ମଧ୍ୟ ଇଂରାଜୀସ୍ତର, ଉଚ୍ଚ ବିଦ୍ୟାଳୟସ୍ତର ଓ ମହାବିଦ୍ୟାଳୟସ୍ତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରାଥମିକସ୍ତରର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଜୟ ଲକ୍ଷ୍ମୀ ପ୍ରଧାନ ୧ମ, ନୋଟରି ଡେମ ଏକାଡେମୀ ସାଇମନୋଜ୍ଞା ସାମଲ ୨ୟ, ଡିଭାଇନ ପବ୍ଲିକ ସ୍କୁଲ ଯଶସି ସାହୁ ୩ୟ, ମଧ୍ୟଇଂରାଜୀସ୍ତରରେ ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟ ଶ୍ରୁଶ୍ରୀ ମୋନାଲିସା ଦାସ ୧ମ, କେନ୍ଦ୍ରିୟ ବିଦ୍ୟାଳୟର ଅପୂର୍ବା ଅପରୂପା ସାହୁ ୨ୟ, ଜବାହାର ନବୋଦୟ ବିଦ୍ୟାଳୟ ସାଗରିକା ପ୍ରଧାନ, ନିତିନ କୁମାର ସାହୁ, କେନ୍ଦ୍ରିୟ ବିଦ୍ୟାଳୟର ମନସ୍ୱୀ ପ୍ରଧାନ ୩ୟ, ଉଚ୍ଚ ବିଦ୍ୟାଳୟସ୍ତର ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟ ଅଙ୍କିତା ପ୍ରଧାନ ୧ମ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଲିପ୍ସା ଭୋଇ ୨ୟ, ଜବାହାର ନବୋଦୟ ବିଦ୍ୟାଳୟ ସିଜଲ ପ୍ରୟାସି ପ୍ରଧାନ, ସରକାରୀ ବାଳିକା ବିଦ୍ୟାଳୟ ଦିବ୍ୟ ଦିକ୍ଷା ଝାଙ୍କର ୩ୟ, ମହାବିଦ୍ୟାଳୟସ୍ତରରେ ପଞ୍ଚାୟତ ସମିତି ଡିଗ୍ରୀ କଲେଜ ବୁଢ଼ାପାଳ ପ୍ରଭାସିନୀ ଥପା ୧ମ, କେନ୍ଦ୍ରିୟ ବିଦ୍ୟାଳୟର ସାଇସ୍ମୃତି ଦାସ ୨ୟ, ଡିଆଇଟିର ଯଶୋବନ୍ତ ବେହେରା ୩ୟ ସ୍ଥାନ ଅଧିକାର କରିଛନ୍ତି। ଏଥିରେ ବିଚାରକ ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସୁଶାନ୍ତ ସାହୁ, ଅବସରପ୍ରାପ୍ତ ଶିକ୍ଷକ ସୁରଥି ପ୍ରଧାନ, ଶିକ୍ଷକ ରାମକୃଷ୍ଣ ସାହୁ, ରାମଚନ୍ଦ୍ର ମହାପାତ୍ର, ନିରଞ୍ଜନ ଦିବେଦୀ, ସୁଜିତ କୁମାର ପାତ୍ର, ଡାକ୍ତର ଭାରତ ଭୂଷଣ ନନ୍ଦ, ହେମନ୍ତ କୁମାର ମହାପାତ୍ର, ସୁମିତ୍ରା ପୁରୋହିତ, ତହସିଲଦାର କର୍ଣ୍ଣ ମଲ୍ଲିକ, ପ୍ରଫୁଲ୍ଲ ମହାପାତ୍ର ଓ ସଞ୍ଜିବ ପାଣିଗ୍ରାହୀ କାର୍ଯ୍ୟ ତୁଲାଇଥିଲେ।

## ମହିଳା ମହାବିଦ୍ୟାଳୟରେ ପ୍ରବେଶ ଉତ୍ସବ, ସମ୍ବଲପୁରୀ ଦିନ୍ ପାଳିତ

ସମ୍ବଲପୁର,୨।୮ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହିଳା ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଗଷ୍ଟ ୧ ତାରିଖ ନୂତନ ବିଦ୍ୟାର୍ଥିନୀ ମାନଙ୍କୁ ସ୍ୱାଗତ କରାଯିବା ସହ ସମ୍ବଲପୁରୀ ଦିନ୍ ମହାସମାରୋହରେ ପାଳିତ ହୋଇଯାଇଛି । ସରକାରଙ୍କ ନିର୍ଦ୍ଦେଶାନୁସାରେ ଅଗଷ୍ଟ ୧ ତାରିଖ ଯୁକ୍ତ ଦୁଇ ପ୍ରଥମ ବର୍ଷ ଓ ସ୍ନାତକ ପ୍ରଥମ ବର୍ଷରେ ନାମ ଲେଖାଇଥିବା ଛାତ୍ରୀଙ୍କ ପାଇଁ ବିଦ୍ୟାରମ୍ଭର ଦିନ ଭାବରେ ସ୍ଥିରିକୃତ ହୋଇଥିଲା। ଏହି ଦିନଟିକୁ ପ୍ରବେଶ ଦିବସ ଭାବରେ ମନାଇବା ପାଇଁ ଅଧକ୍ଷା ପ୍ରଫେସର ରାଜଶ୍ରୀ ବରାଳ ସଭାପତିତ୍ୱରେ ଯୁକ୍ତ ଦୁଇ ଏବଂ ସ୍ନାତକର ନୂଆ ବିଦ୍ୟାର୍ଥିନୀ ଓ ସେମାନଙ୍କ ଅଭିଭାବକ ତଥା ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ନେଇ ଦୁଇଟି ପୃଥକ ଅଧିବେଶନରେ ପ୍ରବେଶ ସଭା ଅନୁଷ୍ଠିତ ହୋଇଥିଲା। ଅଧକ୍ଷା ଛାତ୍ରୀ ଓ ଅଭିଭାବକଙ୍କୁ ଅନୁଷ୍ଠାନ ତଥା ଛାତ୍ରୀନିବାସର ବିଭିନ୍ନ ବିଧିବ୍ୟବସ୍ଥା ଏବଂ ସୁବିଧା ସୁଯୋଗ ସଂପର୍କରେ ଅବଗତ କରାଇଥିଲେ। ଛାତ୍ରବୃତ୍ତି, ଏନ୍.ସି.ସି., ଜାତୀୟ ସେବା ସଂସ୍ଥା, ଯୁବ ରେଡ୍‌କ୍ରସ ଆଦି ଦାୟିତ୍ୱରେ ଥିବା ଅଧ୍ୟାପିକା ଓ ଅଧ୍ୟାପକମାନେ ମଧ୍ୟ ସୁଯୋଗର ସଦବ୍ୟବହାର କରିବା ପାଇଁ ଉପଦେଶ ପ୍ରଦାନ କରିଥିଲେ । ଅଧ୍ୟାପକ ଓ ଅଧ୍ୟାପିକାଗଣ ପରିଚୟ ପ୍ରଦାନ କରିବା ସହ ଛାତ୍ରୀଙ୍କୁ ସମୟର ସଦୁପଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ପରେ ଅନୁଷ୍ଠିତ ହୋଇଥିଲା ସମ୍ବଲପୁରୀ ଦିନ୍ ଉତ୍ସବ। ଏଥିରେ ଅଧାକ୍ଷା ବରାଳ ସ୍ୱାଗତ ସଂଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଓ ଅଧ୍ୟାପିକାମାନେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୀବନାଦର୍ଶ ଏବଂ ସମ୍ବଲପୁରୀ ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ।



ଝାରସୁଗୁଡା ସହର ସରବାହାଲ ରୋଡ ମାରୱାଡିପଡାଠାରେ ତନିସ୍କ ଶୋ'ରୁମ ଉଦଘାଟନ କରି ଗହଣା ଦେଖାଉଛନ୍ତି।

## ଝାରସୁଗୁଡ଼ାରେ ତନିସ୍କ ଶୋ'ରୁମ୍ ଉଦ୍‌ଘାଟିତ

ସମ୍ବଲପୁର,୨।୮ (ବି.ଶଙ୍କର)

ଟାଟା ଗ୍ରୁପ୍‌ର ସର୍ବବୃହତ ଅଳଙ୍କାର ବ୍ରାଣ୍ଡ ତନିସ୍କ ସୋ'ରୁମ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଝାରସୁଗୁଡା ସହର ସରବାହାଲ ରୋଡ ମାରୱାଡିପଡାଠାରେ ଉଦଘାଟିତ ହୋଇଯାଇଛି। ତନିସ୍କ ଫାଇନାନ୍ସ ମୁଖ୍ୟ ବିକ୍ରମ ରେଡ୍ଡୀ, ସର୍କଲ ବିଜନେସ ମ୍ୟାନେଜର ଅରିନ୍ଦମ ପ୍ରମାଣିକ, ବ୍ୟବସାୟ ସହଯୋଗୀ ମଞ୍ଜିତ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୋ'ରୁମକୁ ଶୁଭାରମ୍ଭ କରିଥିଲେ। ପ୍ରତ୍ୟେକ ଅଳଙ୍କାର କ୍ରୟରେ ଗ୍ରାହକଙ୍କୁ ମାଗଣା ସୁନା ମୁଦ୍ରା ପ୍ରଦାନ କରାଯାଉଛି। ଏହି ଅଫର ଅଗଷ୍ଟ ୨ ରୁ ୪ ପର୍ଯ୍ୟନ୍ତ ରହିଛି। ୮୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ବିଭିନ୍ନ ଅତ୍ୟାଧୁନିକ ଓ ମନୋଲୋଭା ଅଳଙ୍କାରରେ ସୋ'ରୁମ ରହିଛି । ଏହା ଓଡ଼ିଶାର ସବୁଠାରୁ ବଡ ସୋରୁମ। ଏଠାରେ କାନଫୁଲ, ବ୍ରେସଲେଟ, ହାର, ଆଙ୍ଗୁଠି ମୁଦି, ମଙ୍ଗଳସୂତ୍ର ଏବଂ ଅନ୍ୟାନ୍ୟ ନୂତନ ଡିଜାଇନଗୁଡ଼ିକ ଗହଣା ଉପଲବ୍ଧ ରହିଛି । ଏଥିସହ ସୁନା ଏବଂ ହୀରା ଉପରେ ସୂକ୍ଷ୍ମ ଆଧୁନିକ ଗହଣା ଏବଂ ହୀରା ୩୩ଟି ଡିଜାଇନ ହାର ଗ୍ରାହକମାନଙ୍କ ରଚିକୁ ଦୃଷ୍ଟିରେ ରଖି ସୋ'ରୁରେ ସଜ୍ଜିତ କରାଯାଇଛି। ୧୮ ରୁ ୨୨ କ୍ୟାରେଟ ସୁନାରେ ନିର୍ମିତ ଶୂକ୍ଷ୍ମ କାରୁକାର୍ଯ୍ୟ ସାମଗ୍ରୀ ରହିଛି। ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ସର୍କଲ ବିଜନେସ ମ୍ୟାନେଜର ପ୍ରମାଣିକ କହିଛନ୍ତି, ଯେ, ଝାରସୁଗୁଡା ବ୍ୟବସାୟିକ ଓ ଶିଳ୍ପ ନଗରୀ ଭାବେ ସ୍ୱତନ୍ତ୍ର ପରିଚୟ ରହିଛି । ତେଣୁ ସହରବାସୀଙ୍କୁ ଆଧୁନିକ, ଆକର୍ଷଣୀୟ ଓ ଉତ୍ତମମାନର ଅଳଙ୍କାର ଯୋଗାଇ ଦେବାକୁ ଲକ୍ଷ୍ୟ ରଖି ସୋରୁମ ଶୁଭାରମ୍ଭ କରାଯାଇଛି। ସୁନା, ହୀରାର ବିବାହ ଅଳଙ୍କାରର ଏକ ସୁନ୍ଦର ସଂଗ୍ରହ ଆମେ କରିଛୁ । ଯାହାକି ଗୋଟିଏ ଛାତ ତଳେ ଗ୍ରାହକମାନେ ନିଜ ମନ ମୁତାବକ ଓ ଆକର୍ଷଣୀୟ ଗହଣା ପାଇ ପାରିବେ ବୋଲି ସେ କହିଛନ୍ତି।

## ବାଇକ୍ ଡିକି ଭାଙ୍ଗି ଟଙ୍କା ଲୁଟିଥିବା ୨ ଅଭିଯୁକ୍ତ ଗିରଫ

ସମ୍ବଲପୁର, ୨।୮ (ପ୍ରମୋଦ ବହିଦାର)

ସମ୍ବଲପୁର ଉପକଣ୍ଠ ଚାଉଁପୁର ଠାରେ ଏକ ଚା'ଦେକାନ ସମ୍ମୁଖରୁ ଗତ ଜୁଲାଇ ୨୯ରେ ଏକ ବାଇକ୍‌ର ଡିକି ଭାଙ୍ଗି ଟଙ୍କା ଲୁଟି ନେଇଥିବା ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ଲୁଟ୍ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀକୁ ଉଦ୍ଧାର କରିଛି ପୋଲିସ। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଗଞ୍ଜାମ ଜିଲା ଆସ୍କା ଥାନା ପାଖଳପାଲିର ଏମ୍ ମୁନା ଓ ଧୀରୁ ଦାସ। ସୂଚନା ଅନୁସାରେ ଗତ ଜୁଲାଇ ୨୯ ତାରିଖ ଅପରାହ୍ନ ୪ଟା ସମୟରେ ସୌମ୍ୟଜିତ ମାଝୀ ନାମକ ନାମକ ଜଣେ ବ୍ୟକ୍ତି ସମ୍ବଲପୁର ଭାରତୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟଶାଖାରୁ ୧ଲକ୍ଷ ୨୦ ହଜାର ଟଙ୍କା ବାହାର କରିଥିଲେ। ଉକ୍ତ ଟଙ୍କାକୁ ତାଙ୍କ ବାଇକରେ ଡିକିରେ ରଖି ଅପରାହ୍ନ ୪ଟା ସମୟରେ ଚାଉଁରପୁର ଅଭିମୁଖେ ବାହାରିଥିଲେ। ଏହି ସମୟରେ ଚାଉଁରପୁର ସେତୁ ଆରପଟେ ଥିବା ଏକ ଚା ଦୋକାନ ସମ୍ମୁଖରେ ବାଇକ୍ ରଖି ରାସ୍ତାକଡ଼ରେ ଛିଡ଼ା ହୋଇ ପରିଶ୍ରା କରୁଥିଲେ। ଏହି ସମୟରେ ତାଙ୍କୁ ବ୍ୟାଙ୍କରୁ ପିଛା କରୁଥିବା ଅଭିଯୁକ୍ତ ଦ୍ୱୟ ଆଖି ପିଛୁଳାକେ ତାଙ୍କ ବାଇକ୍ ଡିକି ଭାଙ୍ଗି ଟଙ୍କା ଥିବା ଏକ ଥଳିକୁ ଲୁଟି ନେଇଥିଲେ।

## ୬ ସ୍ଲୁଇସ୍ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର,୨।୮ (ପ୍ରମୋଦ ବହିଦାର)

**ହୀରାକୁଦ ଜଳଭଣ୍ଡାର**

- ଜଳଭଣ୍ଡାର ଜଳସ୍ତର ସାମାନ୍ୟ ବୃଦ୍ଧି
- ପହଞ୍ଚିଲା ୬୦୮.୭୧ ଫୁଟରେ

ହୀରାକୁଦ ଜଳଭଣ୍ଡାରକୁ ମହାନଦୀରେ ବନ୍ୟାଜଳ ପ୍ରବେଶ ହ୍ରାସ ପାଇଥିଲେ ମଧ୍ୟ ବନ୍ୟାଜଳ ନିଷ୍କାସନ ପରିମାଣକୁ ହ୍ରାସ କରାଯାଇଛି। ଫଳରେ ଜଳଭଣ୍ଡାରର ଜଳସ୍ତର ଗୁରୁବାର ଅପେକ୍ଷା ସାମାନ୍ୟ ବୃଦ୍ଧି ପାଇଛି। ବର୍ତ୍ତମାନ ଜଳଭଣ୍ଡାରର ଡାହାଣ ପଟେ ୨ ଓ ବାମ ପଟେ ୪ଟି ମିଶି ମୋଟ ୬ଟି ସ୍ଲୁଇସ୍ ଗେଟ୍ ଯୋଗେ ବନ୍ୟାଜଳ ନିଷ୍କାସନ ଜାରି ରହିଛି।

ଶୁକ୍ରବାର ରାତି ସାଢ଼େ ୯ଟାରେ ହସ୍ତଗତ ହୋଇଥିବା ସୂଚନା ଅନୁସାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୮.୭୧ ଫୁଟ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୩୩ ହଜାର ୬୩୨ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୨୬ ହଜାର ୮୨୮ ଘନଫୁଟ ବନ୍ୟାଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରୁ ୬ଟି ସ୍ଲୁଇସ୍ ଗେଟ୍ ମଧ୍ୟଦେଇ ୮୮ ହଜାର ୫୩୬ ଘନଫୁଟ, ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର କେନାଲରେ ୩୪ ହଜାର ୫୬୩ ଘନଫୁଟ, ବରଗଡ଼ କେନାଲରେ ୨ ହଜାର ୭୨୨ ଘନଫୁଟ, ଶାସନ କେନାଲରେ ୬୩୦ ଘନଫୁଟ, ସମ୍ବଲପୁର କେନାଲରେ ୯୫ ଓ ହୀରାକୁଦ କେନାଲରେ ୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ପାନୀୟ ଜଳ ଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ଓ ଶିଳ୍ପାନୁଷ୍ଠାନଗୁଡ଼ିକୁ ମିଶି ମୋଟ ୨୭୫ ଘନଫୁଟ ଜଳ ଯୋଗାଣ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଉପର ମୁଣ୍ଡରେ ୧୬.୯୪ ମିଲିମିଟର ଓ ତଳ ମୁଣ୍ଡରେ ୧୩.୭୩ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ହୀରାକୁଦ ଜଳଭଣ୍ଡାର କର୍ତ୍ତୃପକ୍ଷ ଠାରୁ ମିଳିଥିବା ସୂଚନାରୁ ପ୍ରକାଶ।

## ୧୦୦ ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ପକ୍କାରାସ୍ତା: ପଞ୍ଚାୟତିରାଜ ମନ୍ତ୍ରୀ

କୁଚିଣ୍ଡା,୨।୮ (ବିରଞ୍ଚି ଦର୍ଚ୍ଚା)




ସାଲେଭାଡି କାର୍ଯ୍ୟକ୍ରମରେ ମନ୍ତ୍ରୀ ରବିନାରାୟଣ ନାଏକ।

ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଶୁକ୍ରବାର କୁଚିଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ଆୟୋଜିତ ଧନ୍ୟବାଦ ମତଦାତା କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି।ଏହି ଅବସରରେ ମନ୍ତ୍ରୀ ନାଏକ କହିଛନ୍ତି ଯେ,୧୦୦ ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ପକ୍କା ରାସ୍ତା କରିବା ସରକାରଙ୍କ ପ୍ରାଥମିକତା ହେବ। ଏହାଛଡା ୨୦୨୫ ସୁଦ୍ଧା ସମସ୍ତଙ୍କ ଘରକୁ ପିଇବା ପାଣି ଯୋଗାଇ ଦିଆଯିବ। ଗରିବ ଲୋକଙ୍କୁ ଆବାସ ଯୋଜନାରେ ଘର ଓ ରାସନ କାର୍ଡ ମିଳିବ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଖୁବଶୀଘ୍ର ପେଷା ଆଇନ ଲାଗୁ ହେବ ବୋଲି କହିଛନ୍ତି। ଜନସାଧାରଣଙ୍କ ଯାହାବି ସମସ୍ୟା ଅଛି ତାର ସମାଧାନ କରିବାକୁ ଚେଷ୍ଟା କରି ପ୍ରତି ତିନି ମାସରେ ନିର୍ବାଚନ ମଣ୍ଡଳୀ ଗସ୍ତକରି ସମସ୍ତ ପଞ୍ଚାୟତ ସହ ସମ୍ପର୍କ ରକ୍ଷାକରି କାମ କରିବାକୁ ସେ କହିଛନ୍ତି।

**ଧନ୍ୟବାଦ ମତଦାତା କାର୍ଯ୍ୟକ୍ରମ**

କୁଚିଣ୍ଡା ବ୍ଲକର ଟେଲିଟିଲେଇମାଲ, ଟାଇଁସର, କୁ.ଜମନକିରା, ସାଲେଭାଡି, କୁସୁମୀ ଓ କୁନ୍ତରା ପଞ୍ଚାୟତ ଗସ୍ତରେ ଯାଇ ଧନ୍ୟବାଦ ମତଦାତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ,ପୂର୍ବତନ ଜିଲା ପରିଷଦ ସଭ୍ୟ ରୁଦ୍ରପ୍ରତାପ ଦେଓ, ଭାଜପା ମଣ୍ଡଳ ସଭାପତି ଉପେନ୍ଦ୍ର ପଟେଲ,ଭାଜପା ସମ୍ବଲପୁର ଜିଲା ସମ୍ପାଦକ ବିଭୂତିକଲ୍ୟାଣ ପଟେଲ, ସରପଞ୍ଚ ପ୍ରମୋଦ କିଷାନ, ରାଜେନ୍ଦ୍ର କିଷାନ, ପବିତ୍ର କିଷାନ, ଧନୁର୍ଜ୍ୟୟ ନାଏକ,ସଂକୀର୍ତ୍ତନ କିଷାନ, ସୁନୀତା କିଷାନ,ସମିତିସଭ୍ୟ ସନ୍ତୋଷ ନାଏକଙ୍କ ସମେତ ସମସ୍ତ ପଞ୍ଚାୟତର ପିଇଓ,ଏଡିଇଓ ଉପସ୍ଥିତ ରହିଥିଲେ।

